ଧରିତ୍ରୀ
DHARITRI
ମଙ୍ଗଳବାର, ୨୩ ଜୁଲାଇ, ୨୦୧୯



# ମୁକୁଳାପଡ଼ିଛି ନଦୀବନ୍ଧ

ମାନସ ବିଶ୍ୱାଳ

ବାଲେଶ୍ୱର ଅଫିସ,୨୨।୭

■ ପ୍ରତିବର୍ଷ କୂଳ ଖାଉଛି ବୁଢ଼ାବଳଙ୍ଗ

■ ଅଧାରୁ ବନ୍ଦ ରହିଛି ନଦୀବନ୍ଧ ପ୍ୟାକିଂ କାମ

ବାଲେଶ୍ୱର ଜିଲାର ରେମୁଣା ଓ ସଦର ବ୍ଲକ ମଧ ଦେଇ ପ୍ରବାହିତ ବୁଢ଼ାବଳଙ୍ଗ ନଦୀରେ ବନ୍ୟାଜଳ ଅଧିକାଂଶ ବର୍ଷ କୂଳ ଲଂଘୁଛି। ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ବସୁଥିଲେ ବି ଏହାର ସ୍ଥାୟୀ ପ୍ରତିକାର ଲାଗି କୌଣସି ପଦକ୍ଷେପ ନିଆଯାଉନାହିଁ। ଅନେକ ସ୍ଥାନରେ ନଦୀବନ୍ଧ ମୁକୁଳା ପଡିଥିବା ବେଳେ ଜଳସେଚନ ବିଭାଗ ପକ୍ଷରୁ ଏହାର ମରାମତି ସହ ପଥର ପ୍ୟାକିଂ କରାଯାଉ ନାହିଁ। ବର୍ଷାଦିନେ କୂଳ କ୍ଷୟ ଘଟି ନଦୀ ଗତିପଥ ବଦଳାଉଥିବାରୁ ଏଥର ବନ୍ୟା ଆସିଲେ ସ୍ଥିତି ଗମ୍ଭୀର ରୂପ ନେବ ବୋଲି ଅଞ୍ଚଳବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି।

ରେମୁଣା ବ୍ଲକର କାଠସଗଡ଼ା, ମନ୍ଦାରପୁର, ନହରପାଟଣା, ଧରମପୁର, ଦହପଡ଼ା ପଞ୍ଚାୟତର ଅନେକ ଗ୍ରାମ ବୁଢ଼ାବଳଙ୍ଗ ନଦୀର ଉଭୟ ପାର୍ଶ୍ୱରେ ରହିଛି। ଏହି ଅଞ୍ଚଳକୁ ସୁରକ୍ଷା ଦେବା ଲାଗି ନଦୀବନ୍ଧକୁ ସୁଦୃଢ଼ କରାଯାଉ ନ ଥିବାରୁ ବନ୍ୟା ବିପତ୍ତି ଲୋକଙ୍କ ଚିର ସହଚର ପାଲଟିଛି। କାଠସଗଡ଼ା, ମନ୍ଦାରପୁର ଅଞ୍ଚଳରେ ୧୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ପ୍ରାୟ ୧୫୦ମିଟର ନଦୀବନ୍ଧରେ ପଥର ପ୍ୟାକିଂ ଲାଗି ୨୦୧୮ରେ ଟେଣ୍ଡର ଡକାଯାଇଥିଲା। ଚଳିତବର୍ଷ ଜୁଲାଇ ୨୯ତାରିଖ ସୁଦ୍ଧା କାର୍ଯ୍ୟ ସାରିବାକୁ ସମୟସୀମା ନିର୍ଦ୍ଧାରଣ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ନାମକୁମାତ୍ର ଆଂଶିକ କାମ କରାଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି କାଠସଗଡ଼ା ଗ୍ରାମର ୟୁକାଲିପଟାସ ପଦାଠାରୁ ଉତ୍ତରରୁ ପ୍ରାୟ ୧୫୦ରୁ ୨୦୦ ମିଟର ପଥର ପ୍ୟାକିଂ କାମ ଆଦୌ ଆରମ୍ଭ ହୋଇନାହିଁ। ବର୍ଷାଭାବସ୍ଥିତି ଯୋଗୁ ବର୍ତ୍ତମାନ ନଦୀକୂଳ ଶୁଖିଲା ପଡ଼ିଥିବା ସତ୍ତ୍ୱେ କାର୍ଯ୍ୟ ତ୍ୱରାନ୍ୱିତ କରିବା ସକାଶେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ବିଭାଗୀୟ ଉଦାସୀନତା ପଦାରେ ପଡିଛି। ଯଦି ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସେ କାଠସଗଡ଼ାଠାରେ ଅଧା ନଷ୍ଟ ହୋଇଥିବା ନଦୀବନ୍ଧ ନିଶ୍ଚିନ୍ତ ଭାଙ୍ଗିଯିବ ଏବଂ ରେମୁଣା ବ୍ଲକର ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତ କ୍ଷତିଗ୍ରସ୍ତ ହେବ ବୋଲି ଅଞ୍ଚଳବାସୀ କହିଛନ୍ତି।



ଦୁର୍ବଳ ନଦୀ ବନ୍ଧରେ ଅଧାପନ୍ତରିଆ ପଥର ପ୍ୟାକିଂ।

ନଦୀବନ୍ଧର ସ୍ଥିତି ଦୁର୍ବଳ ଥିବା ହେତୁ ପ୍ରତିବର୍ଷ କୂଳକ୍ଷୟ ଘଟି ଏହାର ଗତିପଥ ବଦଳିବା ଯୋଗୁ ନଈଆଡ଼ି ପଦାରେ ଥିବା ଅନେକ ବଡ଼ ବଡ଼ ଗଛ ନଦୀଗର୍ଭକୁ ଟାଣି ହୋଇଗଲାଣି। ଏଣୁ ମନ୍ଦାରପୁର ଅଞ୍ଚଳ ପ୍ରତି ବିପତ୍ତି ଆଶଙ୍କା ବଢିଛି। ଏ ସମ୍ପର୍କରେ ମନ୍ଦାରପୁର ସରପଞ୍ଚ ସୁଜାତା ଦାସ କହିଛନ୍ତି, ଅଟକଳ ଅନୁସାରେ ନଦୀବନ୍ଧ କାମ ହେଉ ନ ଥିବା ଜାଣି ଗ୍ରାମର ଲୋକେ ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ନଦୀବନ୍ଧ ପ୍ୟାକିଂ କାମରେ ବଡ଼ ବଡ଼ ପଥର ପରିବର୍ତ୍ତେ ଛୋଟ ଛୋଟ ପଥର ବ୍ୟବହାର କରାଯିବା ଯୋଗୁ ଏହାକୁ ଲୋକେ ବିରୋଧ କରିଥିଲେ। ଏଣୁ ଛୋଟ ପଥର ବଦଳାଇବାକୁ ବିଭାଗୀୟ ଯନ୍ତ୍ରୀ ନିର୍ଦ୍ଦେଶ ଦେବା ପରଠାରୁ କାମ ବନ୍ଦ ରହିଛି। ଏ ସମ୍ପର୍କରେ ଜଳସେଚନ ବିଭାଗ ଏସ୍‌ଡ଼ିଓ ନିର୍ମଳକାନ୍ତି ଜେନାଙ୍କୁ ଜେନାଙ୍କୁ ପଚାରିବାରୁ କହିଛନ୍ତି, ଗତ ସାଧାରଣ ନିର୍ବାଚନ ଯୋଗୁ କାର୍ଯ୍ୟରେ ବିଳମ୍ୱ ଘଟିଛି। ବିଭାଗ ପକ୍ଷରୁ ତାଗିଦ୍ କରାଯିବା ପରେ ଏହାମଧ୍ୟରେ ସମୟ ଅବଧି ବୃଦ୍ଧି କରିବାକୁ ସମ୍ପୃକ୍ତ ଠିକାଦାର ଆବେଦନ କରିଛନ୍ତି। ଏହାସତ୍ତ୍ୱେ ଯଥାଶୀଘ୍ର କାର୍ଯ୍ୟ ଶେଷ କରାଯିବ ବୋଲି ସେ କହିଥିଲେ।



ସଦର ବ୍ଲକ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର।

## ୧୨୪ ଅଭିଯୋଗର ତତ୍କାଳ ସମାଧାନ

ବାଲେଶ୍ୱର ଅଫିସ,୨୨।୭

ବାଲେଶ୍ୱର ସଦର ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଦାୟିତ୍ୱ ଗ୍ରହଣ ପରେ ପ୍ରଥମଥର ଲାଗି ନୂତନ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଶିବିରରେ ଉପସ୍ଥିତ ରହି ଲୋକମାନଙ୍କର ଅଭିଯୋଗ ଶୁଣିଥିଲେ। ମୋଟ ୨୪୫ଟି ଅଭିଯୋଗରୁ ୧୨୪ଟିର ତତ୍କାଳ ସମାଧାନ କରାଯାଇଛି। ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋରକୁମାର, ଅତିରିକ୍ତ ଜିଲାପାଳ ସସ୍ମିତ ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳ ସେନ ଜଗଦ୍ଦେବଙ୍କ ସମେତ ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସିଦ୍ଧେଶ୍ୱର ପୀଠରେ ଜଳାଭିଷେକ

**ବାଲିଆପାଳ, ୨୨।୭(ସ୍ୱ.ପ୍ର.):** ଶ୍ରାବଣ ମାସର ପ୍ରଥମ ସୋମବାର ମହାଦେବଙ୍କୁ ଜଳାଭିଷେକ କରିବା ପାଇଁ ବିଭିନ୍ନ ଶିବ ମନ୍ଦିରରେ ବୋଲବମ ଭକ୍ତଙ୍କର ପ୍ରବଳ ଭିଡ଼ ହୋଇଥିଲା। ବାଲିଆପାଳ ବ୍ଲକର ମଧୁପୁରା ପଞ୍ଚାୟତର ଚୌଧୁରୀକୁଦ ଗ୍ରାମରେ ଅବସ୍ଥିତ ସିଦ୍ଧେଶ୍ୱର ପୀଠରେ ଶତାଧିକ ବୋଲବମ ଭକ୍ତ ସୁବର୍ଣ୍ଣରେଖା ନଦୀରୁ ପାଣି ନେଇ ସିଦ୍ଧେଶ୍ୱରଙ୍କଠାରେ ଜଳଲାଗି କରିବା ସହ ପୂଜାର୍ଚ୍ଚନା କରିଥିଲେ। ଭକ୍ତଙ୍କ ଗହଳିକୁ ଦେଖି ଭକ୍ତଙ୍କ ପାଇଁ ସବୁ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଦ୍ୱୈତ ସାହୁ, ବସନ୍ତ ଦଣ୍ଡପାଟ, ପଦ୍ମଲୋଚନ ରାଉତ, ବୁଲା ଗଙ୍ଗଇ, ସୁଶାନ୍ତ ସାହୁ, ସୁଧାଂଶୁ ସାହୁ, ଲମ୍ବୋଧର ମାହାନା, ସଞ୍ଜୟ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଜଳିଗଲା ୩ ବଖରା ଗୁରୁତର ମହିଳାଙ୍କୁ ମେଡିକାଲ ଆଣିଲେ ତହସିଲଦାର

**ସଜନାଗଡ଼,୨୨।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଥାନା ବାଉଁଶବଣିଆ ପଞ୍ଚାୟତର ଗୁହାଳିଆ ଗ୍ରାମର ପ୍ରଦୀପ୍ତ ଧାଉଡ଼ିଆଙ୍କର ୩ ବଖରା ଘର ସର୍ଟ୍ ସର୍କିଟ ଯୋଗୁ ନିଆଁ ଲାଗି ପୋଡ଼ିଯାଇଛି। ସୋମବାର ଅପରାହ୍ନରେ ଏହି ଘଟଣା ଘଟିଛି। ଦମକଳ ଗାଡ଼ି ପହଞ୍ଚିଲା ବେଳକୁ ସବୁ ପୋଡି ଯାଇଥିଲା। ପ୍ରଦୀପ୍ତଙ୍କ ସ୍ତ୍ରୀ ରଞ୍ଜୁଲତା ଘର ଭିତରୁ ଗହଣା ଆଣିବାକୁ ପ୍ରବେଶ କରୁଥିବାବେଳେ ନିଆଁ ପଡ଼ି ଗୁରୁତର ହୋଇଥିଲେ। ଖବର ପାଇ ନୀଳଗିରି ତହସିଲଦାର ସୁଶ୍ରୀତା ଟୁଡୁ ଘଟଣାସ୍ଥଳରେ ପହଞ୍ଚି ୧୦୮କୁ ଖବର ଦେବା ପୂର୍ବରୁ ସେ ନିଜେ ନୀଳଗିରି ହସ୍‌ପିଟାଲକୁ ଆଣି ଭର୍ତ୍ତି କରାଇଥିଲେ। ସମସ୍ତ ଜିନିଷ ପତ୍ର, ଗହଣା, ଧାନ, ଚାଉଳ, ନଗଦ ୨୦ହଜାର ଟଙ୍କା ପୋଡ଼ି ଯାଇଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

### ଶିକ୍ଷକ ପ୍ରଶିକ୍ଷଣ ଶିବିର

**ସୋର, ୨୨।୭(ଡି.ଏନ.ଏ.):** ସୋର ବ୍ଲକ ଅନନ୍ତପୁର ଠାରେ ଥିବା ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଅନନ୍ତ କୁମାର ପାତ୍ର କାର୍ଯ୍ୟକ୍ରମରେ ପରିଚାଳନା କରିଥିଲେ। ପ୍ରଶିକ୍ଷଣର ପ୍ରମୁଖ ଭାବେ ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟର ଗଣିତ ବିଭାଗର ଅଧାପକ କ୍ଷିତିଶ ଚନ୍ଦ୍ର ଜେନା ଯୋଗଦେଇଥିଲେ। ଏହି ଅବସରରେ ଗୁରୁମାଗୁରୁଜୀମାନଙ୍କୁ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିସହିତ ଗୀତ, ନାଚ, ସମାଜସେବା ଆଦି ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ୩୦ରୁ ଊର୍ଦ୍ଧ୍ୱ ଗୁରୁମାଗୁରୁଜୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଗୁରୁମା, ଗୁରୁଜୀ ଶିବପ୍ରସାଦ, ମମତାରାଣୀ, ସ୍ୱପ୍ନାରାଣୀ, ସୁଧାଂଶୁଶେଖର ଓ ମନୋରଞ୍ଜନ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

### ଶିକ୍ଷକଙ୍କ ପରଲୋକ

**ଖଇରା, ୨୨।୭(ଡି.ଏନ.ଏ.):** ଖଇରା ବ୍ଲକ ସାରକୋଣା ପଞ୍ଚାୟତ ଝିଙ୍କିରିଆ ଗ୍ରାମର ଆଦର୍ଶ ଶିକ୍ଷକ ତଥା ସାରକୋଣା ପଞ୍ଚାୟତର ବିଜେଡି ସଭାପତି ମଣିଭଦ୍ର ମହାନ୍ତି(୭୯)ଙ୍କର ପରଲୋକ ହୋଇଯାଇଛି। ସେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପୁଣି ଖଇରା ଡାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗତ ୬ବର୍ଷ ହେଲା ସେ ସାରକୋଣା ପଞ୍ଚାୟତରେ ସଭାପତି ଭାବେ କାର୍ଯ୍ୟ କରିଆସୁଥିଲେ।

### ୫୦ହଜାର ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ଶିଳାନ୍ୟାସ



**ସଜନାଗଡ଼, ୨୨।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଜାମୁଡ଼ିହା ପଞ୍ଚାୟତ ଗୁଡ଼ିଶୁଳ ଗ୍ରାମରେ ୫୦ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ପାଣି ଟାଙ୍କି ରବିବାର ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଛି। ଏହି ପ୍ରକଳ୍ପର ମୂଲ୍ୟ ୧କୋଟି ୨୨ଲକ୍ଷ ଟଙ୍କା ରହିଛି। ଗ୍ରାମ୍ୟ ଜଳ ପରିମଳ ବିଭାଗ ପକ୍ଷରୁ ଜାମୁଡ଼ିହା ପଞ୍ଚାୟତର ଗୁଡ଼ିଶୁଳ, ସାତରାଣ୍ଡ ଗ୍ରାମକୁ ୫୦ହଜାର ଲିଟର ବିଶିଷ୍ଟ ଏକ ପାଣି ଟାଙ୍କି ଯୋଗାଇ ଦିଆଯାଇଛି। କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରାଧାଶ୍ୟାମ ନାୟକ, ହୃଦାନନ୍ଦ ବେହେରା, ପ୍ରମୋଦ ମହାପାତ୍ର ଓ ଶିବାଶିଷ ଦ୍ୱିବେଦୀ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧରେ ରବୀନ୍ଦ୍ର ରାଉତ, ଗଙ୍ଗାଧର ମିଶ୍ର, ଉପେନ୍ଦ୍ର ଦାସ, ସୂର୍ଯ୍ୟକୁମାର ନାୟକ, ବିଶ୍ୱଜିତ ରାଉତ, ଶ୍ରୀଧର ବିଶ୍ୱାଳ ଓ ଅଶୋକ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ପଞ୍ଚାୟତରେ ପାନୀୟ ଜଳ ସୁବିଧା ପାଇଁ ବହୁଦିନରୁ ଦାବି ହୋଇଆସୁଥିଲା।

## ବୋଲବମ୍ ଧ୍ୱନିରେ କମ୍ପିଲା ପଞ୍ଚଲିଙ୍ଗେଶ୍ୱର ପୀଠ

ସଜନାଗଡ଼,୨୨।୭(ଡି.ଏନ.ଏ.)

ଶ୍ରାବଣ ମାସର ପ୍ରଥମ ସୋମବାର ଉତ୍ତରଓଡ଼ିଶାର ଅନ୍ୟତମ ଶୈବପୀଠ ନୀଳଗିରିସ୍ଥିତ ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ କାଉଡ଼ିଆମାନେ ଜଳାଭିଷେକ କରି ପୂଜାର୍ଚ୍ଚନା କରିଛନ୍ତି। ହଜାର ହଜାର କାଉଡ଼ିଆଙ୍କ 'ବୋଲବମ୍, ହରହର ବମ୍ ଧ୍ୱନି'ରେ ଶୈବପୀଠ କମ୍ପିଥିଲା। ବାଲେଶ୍ୱର ନିକଟସ୍ଥ ବୁଢ଼ାବଳଙ୍ଗ ନଦୀର ବାଲିଘାଟ, ମୟୂରଭଞ୍ଜ ଜିଲା କପ୍ତିପଦାର ସୋନନଦୀ, ନୀଳଗିରି କାଠପାଳ ଆଦି ଅଞ୍ଚଳରେ ଥିବା ଚିରସ୍ରୋତା ନଦୀରୁ କାଉଡ଼ିଆମାନେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ଜଳଭାର ଧରି ଦୀର୍ଘ ୩୦/୩୫ କି.ମି. ରାସ୍ତା ପାଦରେ ଚାଲି ଚାଲି ଆସିଥିଲେ। ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଶୈବଭକ୍ତ ଜଳାଭିଷେକ ନିମନ୍ତେ ଏଠାକୁ ଆସୁଥିବା ଦେଖିବାକୁ ମିଳିଛି। ଭକ୍ତଙ୍କ ସୁରକ୍ଷା ପାଇଁ ପଞ୍ଚଲିଙ୍ଗେଶ୍ୱରରେ କାଉଡ଼ିଆ ତଥା ଶ୍ରଦ୍ଧାଳୁଙ୍କ ପାଇଁ ମହାଦେବ ପୀଠରୁ ମୁଖ୍ୟରାସ୍ତା ପର୍ଯ୍ୟନ୍ତ ସୁନ୍ଦର ଆଲୋକରେ ସଜାଯାଇଛି। ସ୍ଥାନୀୟ ଟ୍ରଷ୍ଟ ବୋର୍ଡ଼ ସହଯୋଗ ଓ ସୁରକ୍ଷା ଦୃଷ୍ଟିରୁ ପୋଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ସହ ଫୋର୍ସ ମୁତୟନ କରାଯାଇଥିଲା।



ପଞ୍ଚଲିଙ୍ଗେଶ୍ୱର ପୀଠରେ ଜଳାଭିଷେକ ଲାଗି କାଉଡ଼ିଆଙ୍କ ଲମ୍ବା ଧାଡ଼ି।

## କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର

ସୋର, ୨୨।୭(ଡି.ଏନ.ଏ.)

ସୋର ଉତ୍ତରେଶ୍ୱରଠାରେ ଥିବା କଳାଘରଠାରେ ଜଗନ୍ନାଥ ଚିତ୍ର ଅଙ୍କନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୈଳାସ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଚିତ୍ରଶିଳ୍ପୀ ପଦ୍ମନାଭ ରାୟ ଯୋଗଦେଇଥିଲେ। ଉତ୍କଳ କଳା ସଂସ୍କୃତିର ସଂଯୋଜକ ଶିକ୍ଷକ ରାମଚନ୍ଦ୍ର ପୃଷ୍ଟି ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ଝାନସୀରାଣୀ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଚିତ୍ରକଳା ସମ୍ବନ୍ଧରେ ବକ୍ତବ୍ୟ ଦେଇଥିଲେ। ଏଥିରେ ସିନିୟର ବିଭାଗ ପ୍ରଥମ ଅରବିନ୍ଦ ପୃଷ୍ଟି, ଦ୍ୱିତୀୟ ସୂର୍ଯ୍ୟକାନ୍ତ ପାଇକରାୟ, ତୃତୀୟ ଗୀତେଶ କୁମାର ଦେ ଏବଂ କନିଷ୍ଠ ବିଭାଗରେ ପ୍ରଥମ ସତ୍ୟପ୍ରକାଶ ପୃଷ୍ଟି, ଦ୍ୱିତୀୟ ସ୍ଥାନରେ ରାଜେଶ କୁମାର ବେହେରା ଓ ତୃତୀୟ ସ୍ଥାନରେ ଲଳିତ କୁମାର ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ମୋଟ ୩୯ଜଣଙ୍କୁ ପୁରସ୍କୃତ କରାଯାଇଥିଲା। କଳାଘର ଅଧ୍ୟକ୍ଷ ରାଜବଲ୍ଲଭ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବିଦ୍ୟାଳୟ ଆଗରେ ଏସ୍‌ଏଚ୍‌ଜି ମହିଳାମାନେ ଧାରଣାରେ ବସିଛନ୍ତି।

■ ହଷ୍ଟେଲରୁ ଛାତ୍ର ନିଖୋଜ ଘଟଣା

## ବିଦ୍ୟାଳୟ ଘେରିଲେ ମହିଳା

ଜଳେଶ୍ୱର, ୨୨।୭(ଡି.ଏନ.ଏ.)

ଜଳେଶ୍ୱର ସହର ବଡ଼ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ହଷ୍ଟେଲରେ ରହୁଥିବା ଅଷ୍ଟମ ଶ୍ରେଣୀ ଛାତ୍ର ତଥା ଭୋଗରାଇ ଥାନା ଅଧିନ ହାଣ୍ଡିପଡ଼ା ଗ୍ରାମନିବାସୀ କାହ୍ନୁ ଦାସଙ୍କ ପୁଅ ଗୋବିନ୍ଦ ଦାସ (୧୩) ରବିବାର ସକାଳୁ ନିଖୋଜ ହୋଇଯାଇଛନ୍ତି। ଏହି ଘଟଣା ନେଇ ସୋମବାର ପୂର୍ବାହ୍ନରେ ଭୋଗରାଇ ଅଞ୍ଚଳରେ ଥିବା ୧୦ରୁ ଊର୍ଦ୍ଧ୍ୱ ଏସ୍‌ଏଚ୍‌ଜି ଗ୍ରୁପ୍‌ର ଶତାଧିକ ମହିଳା ଉକ୍ତ ସ୍କୁଲରେ ପହଞ୍ଚି ସ୍କୁଲକୁ ବନ୍ଦ କରିବା ସହିତ ସମସ୍ତ ଶିକ୍ଷକଙ୍କଠାରେ ନିଖୋଜ ହୋଇଯାଇଥିବା ଛାତ୍ର ଗୋବିନ୍ଦଙ୍କୁ ଖୋଜିବା ପାଇଁ ଅଡ଼ି ବସିଥିଲେ। ଏହି ଛାତ୍ର ନିଖୋଜ ଘଟଣାକୁ ନେଇ ସ୍କୁଲ ତରଫରୁ ଜଳେଶ୍ୱର ଥାନାରେ ଏକ ଲିଖିତ ଅଭିଯୋଗ ଦିଆଯାଇଛି। ପୋଲିସ ଏକ ନାବାଳକ ଅପହରଣ ମାମଲା (ନଂ.୧୬୯/୧୯) ରୁଜୁ କରି ୨ ପୋଲିସ ଟିମ୍ ଗଠନ କରି ତଦନ୍ତ ଚଳାଇଛି। ଗୋଟିଏ ଟିମ୍‌କୁ ଭୁବନେଶ୍ୱର ଆଡ଼କୁ ଥିବା ପ୍ରମୁଖ ରେଳଷ୍ଟେଶନ ଓ ଅନ୍ୟ ଏକ ଟିମ୍‌କୁ କୋଲକାତା ଆଡ଼କୁ ଥିବା ପ୍ରମୁଖ ରେଳଷ୍ଟେଶନଗୁଡ଼ିକରେ ଖୋଜାଖୋଜି କରିବା ପାଇଁ ଆଇଆଇସି ପ୍ରଦୀପ କୁମାର ମାଝି ପଠାଇଛନ୍ତି। ଅପରପକ୍ଷରେ ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକଙ୍କ ସମେତ ଅନ୍ୟ ଶିକ୍ଷକ ତଥା କର୍ମଚାରୀମାନଙ୍କୁ ଥାନାକୁ ଡକାଇ ପୋଲିସ ପଚରାଉଚୁରା କରୁଛି।

## ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର ଅଫିସ,୨୨।୭

ବାଲେଶ୍ୱର ସହରର ବିଭିନ୍ନ ସମସ୍ୟା ନେଇ 'ଆଚ୍ଛା' ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ସୋମବାର ମିଳିତ ଜନଶୁଣାଣି ଅଭିଯୋଗ ଶିବିର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ପ୍ରଦାନ କରାଯାଇଛି। ସଙ୍ଗଠନ ସଭାପତି ବିସ୍ମିତ ରଞ୍ଜନ ଦାସଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା।

ବାଲେଶ୍ୱର ପୌରାଞ୍ଚଳରେ ବଡ଼ଖୁଆ ଗ୍ରାମର ବଡ଼ଖୁଆ ପୋଖରୀ ସର୍ବବୃହତ ପୋଖରୀ ଭାବେ ପରିଗଣିତ। ଉକ୍ତ ପୋଖରୀ ଦଳପୂର୍ଣ୍ଣ ହେବା ସହ ଏହା ଉପରେ ନିର୍ଭର କରି ରହୁଥିବା ୧୫୦ ପରିବାର ଏବେ ଏହି ଦୂଷିତ ଜଳକୁ ବ୍ୟବହାର କରିବା ସହ ବିଭିନ୍ନ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗ୍ରାମରେ ସ୍ୱତନ୍ତ୍ର ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ଦୈନନ୍ଦିନ ବ୍ୟବହୃତ ହେଉଥିବା ଲୋକଙ୍କ ଘରର ଅଳିଆ ପାଣି ପୋଖରୀରେ ପ୍ରବେଶ କରୁଛି। ଫଳରେ ପୋଖରୀ ଜଳ ଅଧିକ ଦୂଷିତ ହେଉଛି। ପାନୀୟ ଜଳ ସମସ୍ୟା ମଧ ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ପାଣି ପାଇଁ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ଉକ୍ତ ପୋଖରୀକୁ ପରିଷ୍କାର କରିବା ସହ ନାଳର ବ୍ୟବସ୍ଥା କରାଇ ଦୈନନ୍ଦିନ ବ୍ୟବହାର ହେଉଥିବା ମଇଳା ପାଣିକୁ ନିଷ୍କାସନ କରିବା ଲାଗି ସଙ୍ଗଠନ ତରଫରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ବାଲେଶ୍ୱର ଟାଉନର ନିଷ୍କାସିତ ଜଳ ମହାନାଳକୁ ଯିବା ସମୟରେ ନାଳରେ ପ୍ରୋଟେକ୍ସନ୍ ୱାଲ ନ ଥିବାରୁ ପୋଖରୀରେ ମିଶୁଛି। ଏଥିପାଇଁ ମହାନାଳ ଦୁଇପାର୍ଶ୍ୱରେ ପ୍ରୋଟେକ୍ସନ୍ ୱାଲ ବ୍ୟବସ୍ଥା କଲେ ଲୋକମାନେ ଉପକୃତ ହୋଇପାରିବେ। ସମ୍ପାଦକ ରଣଜିତ୍ କୁମାର ପୃଷ୍ଟି, ଉପଦେଷ୍ଟା କାର୍ତ୍ତିକ ମାଝି, ସରିତା ସାହୁ, ଶାନ୍ତନୁ ମାଝି, ଉପସଭାପତି ବିନୋଦ କୁମାର ମାଝି, ଅଜୟ ବିଶ୍ୱାଳ, କିଶୋର ନାୟକ, ପ୍ରକାଶ ମହାନ୍ତି, କୋଷାଧ୍ୟକ୍ଷ ଦୀପକ ନାଥ, ସଂଯୋଜକ ରାକେଶ ଶିଅଳ, ଦୀପୁ ରାଉତ, ଅଜିତେସ୍ ଜେନା, ଶୁଭ୍ରଶେଖର ପାତ୍ର, ଭାଗୀରଥି ମାଝି, ଦିଲୀପ୍ ସେନ୍, ଅଭିମନ୍ୟୁ ଗଙ୍ଗେଇ, ଗଣେଶ ଚନ୍ଦ୍ର ନାୟକ ଓ ଶକ୍ତି ଶଙ୍କର ପ୍ରାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଜନଶୁଣାଣି ଅଭିଯୋଗ ଶିବିରରେ 'ଆଚ୍ଛା' ସଙ୍ଗଠନର କର୍ମକର୍ତ୍ତା।

## ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଳା ଦୀକ୍ଷିତଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲେଶ୍ୱର ଅଫିସ,୨୨।୭:** ବାଲେଶ୍ୱର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଟାଉନ କଂଗ୍ରେସ ସଭାପତି ପଦ୍ମଲୋଚନ ଲେଙ୍କାଙ୍କ ସଭାପତିତ୍ୱରେ ରବିବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଦିଲ୍ଲୀର ପୂର୍ବତନ ୩ଥର ମୁଖ୍ୟମନ୍ତ୍ରୀ ଥିବା ଶୀଳା ଦୀକ୍ଷିତଙ୍କ ଅକାଳ ବିୟୋଗରେ ଦେଶର ଅପୂରଣୀୟ କ୍ଷତି ହୋଇଛି ବୋଲି ଉପସ୍ଥିତ ସଭ୍ୟାସଭ୍ୟ ବକ୍ତବ୍ୟ ରଖିଥିଲେ। ପିସିସି ସାଧାରଣ ସମ୍ପାଦକ ସଞ୍ଜୀବ ଗିରି ଉପସ୍ଥିତ ଥିଲେ। ସେ ଆଧୁନିକ ଦିଲ୍ଲୀର ନିର୍ମାତା ଥିଲେ ବୋଲି ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରଜ୍ଞା ପରମିତା ମହାନ୍ତି ପ୍ରକାଶ କରିଛନ୍ତି। ସଭାରେ ପୂର୍ବତନ ଜିଲାସଭାପତି ସତ୍ୟ ମହାନ୍ତି, ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ବାସନ୍ତୀ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

■ ବସ୍ ମାଲିକ ସଂଘ ନିର୍ବାଚନ

## ମାଧବ ସଭାପତି, ଅଜୟ ସମ୍ପାଦକ

ବାଲେଶ୍ୱର ଅଫିସ, ୨୨।୭

ବାଲେଶ୍ୱର ମୋଟର ଆସୋସିଏଶନ୍‌ର ନିର୍ବାଚନ ରବିବାର ଶାନ୍ତିଶୃଙ୍ଖଳା ସହିତ ଶେଷ ହୋଇଯାଇଛି। ଏଥିରେ ସଭାପତି ଭାବେ ମାଧବ ଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ଅଜୟ କୁମାର ବିଶ୍ୱାଳ, ସହକାରୀ ସାଧାରଣ ସମ୍ପାଦକ କମଳାକାନ୍ତ ଦାଶ, ଷ୍ଟାଣ୍ଡ ସେକ୍ରେଟାରୀ ଅନିଲ କୁମାର କର, ସୂର୍ଯ୍ୟକାନ୍ତ ନନ୍ଦ ଏବଂ କୋଷାଧ୍ୟକ୍ଷ ଭାବେ ରାଜେଶ କୁମାର ପେରିୱାଲ ନିର୍ବାଚିତ ହୋଇଛନ୍ତି।

ଏହାଛଡ଼ା ନିର୍ଦ୍ୱନ୍ଦ୍ୱରେ ଉପସଭାପତି ଭାବେ ମାନସ ରଞ୍ଜନ ପାତ୍ର, ଅଫିସ ସେକ୍ରେଟାରୀ ସୁରେଶ ଚନ୍ଦ୍ର ଜେନା ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ସେହିଭଳି କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ଅର୍ଜୁନ ଚନ୍ଦ୍ର ପଣ୍ଡା, ଦୁଷ୍ମନ୍ତ କୁମାର ଦେ, ମୁରଲୀମୋହନ ଜେନା, ନାରାୟଣ ବିଶ୍ୱନାଥ ଜେନା, ରାଜେଶ ପ୍ରସାଦ ଦାଶ, ରଣଜିତ ମହାନ୍ତି, ସେଖ୍ ନାଜିର ଖାନ୍ ଓ ସେଖ୍ ଶାମ୍‌ସୁରଜାମା ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ତେବେ ବସ୍ ମାଲିକ ସଂଘର ଏହି ନିର୍ବାଚନ ପାଇଁ ଦୀର୍ଘ ୧ମାସ ଧରି ଦୁଇଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ କାର୍ଯ୍ୟ ପରିଚାଳନା କରିଥିଲେ। ନୂତନ କର୍ମକର୍ତ୍ତାଙ୍କୁ ବସ୍ ମାଲିକଙ୍କ ଦ୍ୱାରା ସ୍ୱାଗତ କରାଯାଇଛି।

## ମିଶନ 'ବିୟୁଟି ସିଟି' ଆରମ୍ଭ

ବାଲେଶ୍ୱର ଅଫିସ, ୨୨।୭

ଜବରଦଖଲ, ହୋର୍ଡିଂ ଉଚ୍ଛେଦ

ବାଲେଶ୍ୱର ସହରକୁ 'ବିୟୁଟି ସିଟି' ପରିଣତ କରିବା ଲାଗି ବିଭିନ୍ନ ସ୍ଥାନରେ କରାଯାଇଥିବା ଜବରଦଖଲ ଏବଂ ହୋର୍ଡ଼ିଂ ଉଚ୍ଛେଦ ସୋମବାର ପୂର୍ବାହ୍ନରୁ ଆରମ୍ଭ କରାଯାଇଛି। ସହରର ସମସ୍ତ ଜବରଦଖଲ ଶେଷ ହେବା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ। ଟ୍ରାଫିକ୍ ଜାମ୍‌ରୁ ମୁକ୍ତ ଏବଂ ସହରକୁ ସୁନ୍ଦର କରିବା ଉଦ୍ଦେଶ୍ୟରେ ନୂତନ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ଏଭଳି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଉଚ୍ଛେଦ ବେଳେ ଉପଜିଲାପାଳ ନୀଲୁ ମହାପାତ୍ରଙ୍କ ସମେତ ମ୍ୟୁନିସିପାଲିଟି ଅଧିକାରୀ ଚିତ୍ରସେନ ରାଉତ, ଡିଏସ୍‌ପି ଉମେଶ ପଣ୍ଡା, ସହଦେବଖୁଣ୍ଟା ମଡ଼େଲ ଥାନା ଆଇଆଇସି ଶୁଭ୍ରାଂଶୁ ନାୟକ, ଟାଉନ ଥାନା ଆଇଆଇସି ସରୋଜିନୀ ନାୟକ, ଟ୍ରାଫିକ୍ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ, ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ଜିଲା ନାରୀସଂଘଠାରୁ ଷ୍ଟେଶନଛକ ଏବଂ ପଦୁଆଁପଦାରୁ ଆଜିମାବାଦ ଛକ ମଧରେ ୨୦ରୁ ଊର୍ଦ୍ଧ୍ୱ ଜବରଦଖଲ ଦୋକାନ ଏବଂ ୧୫ରୁ ଊର୍ଦ୍ଧ୍ୱ ହୋର୍ଡ଼ିଂ ଉଚ୍ଛେଦ କରାଯାଇଛି। ଅନ୍ୟପକ୍ଷରେ ଉଠାଦୋକାନୀ ସଂଘର ନେତା ଜୟନ୍ତ ଦାସ ଏହାକୁ ବିରୋଧ କରି କହିଛନ୍ତି, ହାଇକୋର୍ଟ ଦୋକାନ ଉଚ୍ଛେଦ ମାମଲାର ବିଚାର କରି ଉଚ୍ଛେଦ ବନ୍ଦ ପାଇଁ ଦେଇଥିବା ନିର୍ଦ୍ଦେଶକୁ ଜିଲା ପ୍ରଶାସନ ପକ୍ଷରୁ ଅବମାନନା କରାଯାଉଛି। ସହରର ପଥ ବିକ୍ରେତା ସଂଘ ପକ୍ଷରୁ ଜରୁରୀ ବୈଠକ ବସି ନିଷ୍ପତ୍ତି ଅନୁସାରେ ଏହାକୁ ବିରୋଧ କରାଯିବ।



ଷ୍ଟେଶନ ଛକ ପରିସରରେ ଉଚ୍ଛେଦ ପ୍ରକ୍ରିୟା ଜାରି।

## ସଂକ୍ଷେପରେ

### ଦୁର୍ଘଟଣାରେ ୪ କାଉଡିଆ ଗୁରୁତର

**ଭଣ୍ଡାରିପୋଖରୀ, ୨୨।୭ (ସ୍ୱ.ପ୍ର.):** ୧୬ ନମ୍ବର ଜାତୀୟ ରାଜପଥର ନଳାଙ୍ଗ ନିକଟରେ ଦୁର୍ଘଟଣା ଘଟି ୪ କାଉଡିଆ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ଭଦ୍ରକ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ବାସୁଦେବପୁର ବାରାପୁର ଗାଁର ୧୧ଜଣ କାଉଡ଼ିଆ ପିକ୍‌ଅପ୍ ଗାଡ଼ି ଯୋଗେ ପୁରୀ ଲୋକନାଥ ପୀଠକୁ ପାଣିଭାର ନେଇ ଯାଇଥିଲେ। ସୋମବାର ସନ୍ଧ୍ୟାରେ ସେମାନେ ଘରକୁ ଫେରୁଥିବା ବେଳେ ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।।

### ଶୈବପୀଠରେ କାଉଡିଆଙ୍କ ଭିଡ଼

**ବନ୍ତ, ୨୨।୭ (ସ୍ୱ.ପ୍ର.):** ବନ୍ତ ବ୍ଲକର ବିଭିନ୍ନ ଶୈବପୀଠରେ ସୋମବାର କାଉଡ଼ିଆ ଭକ୍ତଙ୍କ ଭିଡ଼ ଲାଗିରହିଥିଲା। ଆଗରପଡା ଥାନା ଅନ୍ତର୍ଗତ ଅଣିଜୋସ୍ଥିତ ସିନ୍ଧୁକେଶ୍ୱର ପୀଠରେ ୭୦୦ରୁ ଊର୍ଦ୍ଧ୍ୱ କାଉଡ଼ିଆ ବାବାଙ୍କ ଉପରେ ଜଳଲାଗି କରିଥିଲେ। କାଉଡ଼ିଆମାନେ ଶାନ୍ତିଶୃଙ୍ଖଳାରେ ଜଳଲାଗି କରିବା ଓ ରାତ୍ରିଯାପନ ପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବାବେଳେ ଆଗରପଡା ପୋଲିସ ମୁତୟନ ରହିଥିଲେ। ସେହିପରି ନୂଆପୋଖରୀ ଧାନଘର ଛକରେ ସୁବର୍ଣ୍ଣେଶ୍ୱର ଓ ପାନପଦୀର ଗୁପ୍ତେଶ୍ୱର ମନ୍ଦିରରେ ଭକ୍ତମାନେ ଜଳଲାଗି କରିଥିଲେ।

### ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲାଙ୍କୁ ଶ୍ରଦ୍ଧାଞ୍ଜଳି

**ଭଣ୍ଡାରିପୋଖରୀ, ୨୨।୭ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ କଂଗ୍ରେସ ପକ୍ଷରୁ କାର୍ଯ୍ୟାଳୟ ରାଜୀବ ଭବନଠାରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷିତଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପିସିସି ସଭ୍ୟ ସୁବ୍ରତ ଦାସ, ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦ, ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ପ୍ରଶାନ୍ତ ସାହୁ, ସୁବାସ କାଣ୍ଡି, ମିଟୁ ପଣ୍ଡା, ରାଜେନ୍ଦ୍ର ପଣ୍ଡା, ଅଭିମନ୍ୟୁ ବେହେରା, ରମେଶ ଭାରତୀ, ଅବିନାଶ ରାଉତ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

■ ଶ୍ରାବଣ ମାସର ପ୍ରଥମ ସୋମବାର

# ଆଖଣ୍ଡଳମଣି ପୀଠରେ କାଉଡ଼ିଆଙ୍କ ଜଳଲାଗି

**ଆରଡ଼ି, ୨୨।୭ (ଡି.ଏନ.ଏ.)**

ଶ୍ରାବଣ ମାସର ପ୍ରଥମ ସୋମବାରରେ ଭଦ୍ରକ ଜିଲା ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠରେ କାଉଡ଼ିଆଙ୍କ ଭିଡ଼ ଲାଗିଥିଲା। ପ୍ରାୟ ୨୦ ହଜାର କାଉଡ଼ିଆ ଶ୍ରାବଣୀ ମହାଦେବଙ୍କ ମସ୍ତକରେ ଜଳଲାଗି କରିଛନ୍ତି। ଏଠାରେ ରବିବାର ସନ୍ଧ୍ୟାଠାରୁ ଭିଡ଼ ପରିଲକ୍ଷିତ ହୋଇଥିଲା। ତେବେ ଚଳିତବର୍ଷ ପୀଠରେ ଅବ୍ୟବସ୍ଥା ଅଭିଯୋଗ କରି କାଉଡ଼ିଆମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

ପୀଠରେ ଆଲୋକ ବ୍ୟବସ୍ଥା ସୁଚାରୁରୂପେ ସମ୍ପାଦନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକରେ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ତାଗିଦ୍ କରାଯାଇଥିଲା। ହେଲେ ଆରଡ଼ି ପାନ୍ଥଶାଳାଠାରୁ ପୀଠର ପ୍ରବେଶଦ୍ୱାର ପର୍ଯ୍ୟନ୍ତ ଆଲୋକ ବ୍ୟବସ୍ଥା କରାଯାଇ ନ ଥିଲା। ବସ୍‌ଷ୍ଟାଣ୍ଡରେ ଥିବା ହାଇମାଷ୍ଟ ଲାଇଟ୍ ଫନୀ ବାତ୍ୟାରେ ନଷ୍ଟ ହୋଇଥିଲେ ବି ସେଥିପ୍ରତି ବିଭାଗୀୟ କର୍ମଚାରୀ ଦୃଷ୍ଟି ଦେଇ ନ ଥିବା ଅଭିଯୋଗ ହୋଇଛି। ହାଇମାଷ୍ଟ ଲାଇଟ୍‌ଗୁଡ଼ିକ ଅଧିକାଂଶ ଅଚଳ ହୋଇପଡିଥିଲା ଓ କେତେକାଂଶରେ ମିଞ୍ଜିମିଞ୍ଜି ଆଲୋକ ପ୍ରଦାନ କରୁଥିଲା। ଏହାଛଡା ରବିବାର ରାତିରେ ବାରମ୍ବାର



ପୀଠରେ କାଉଡ଼ିଆମାନେ ଲମ୍ବାଧାଡ଼ିରେ ଠିଆ ହୋଇଛନ୍ତି।

### ଅବ୍ୟବସ୍ଥା ନେଇ ଅସନ୍ତୋଷ

ଓ ସୋମବାର ଭୋର ୪ ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍ କରାଯାଇଥିଲା। ଫଳରେ ପୀଠରେ ଜଳ ସମସ୍ୟା ଦେଖାଦେଇଥିଲା। ବସ୍ ଉପରେ କାଉଡ଼ିଆମାନେ ଯାଉଥିବା ଯୋଗୁ ତାର ଲାଗିଯିବାର ଆଶଙ୍କା ରହୁଥିବାରୁ ପ୍ରତିବର୍ଷ ବିଦ୍ୟୁତ୍ କଟା ଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି। ପୀଠକୁ ଅଧିକ ବସ୍ ଯୋଗାଇ ଦେଲେ ଏହି ସମସ୍ୟା ଦୂର ହୋଇପାରନ୍ତା ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଇଛି। ପୀଠରୁ ୩ କି.ମି. ଦୂର ମଠଡିହଠାରୁ ୪ ଚକିଆ ଯାନଗୁଡ଼ିକୁ ଅଟକାଯାଇ ଦର୍ଶନାର୍ଥୀମାନଙ୍କୁ ଅଟୋରେ ଯିବା ପାଇଁ ବାଧ କରାଯାଉଥିବା ଅଭିଯୋଗ ହେଉଛି। ଅଟୋ ଚାଳକ ୩ କି.ମି. ବାଟକୁ ଜଣ ପିଛା ୪୦ରୁ ୫୦ ଟଙ୍କା ଆଦାୟ କରୁଥିବା କେତେକ ଭକ୍ତ ଅଭିଯୋଗ କରିଥିଲେ। ପୋଲିସ ହସ୍ତକ୍ଷେପ ପରେ ପରିସ୍ଥିତିରେ ସୁଧାର ଆସିଥିଲା। ଜିଲା ପ୍ରଶାସନ ପକ୍ଷରୁ ୩ବର୍ଷ ଧରି ରବିବାର ସନ୍ଧ୍ୟାଠାରୁ ତିନିତର, ଧାନଖଣିଆ ଓ ମୁଆଁ ନଦୀଘାଟ ବନ୍ଦ ରହୁଥିବାରୁ ବହୁ କାଉଡିଆ ଅସନ୍ତୋଷ ବ୍ୟକ୍ତ କରିବା ସହ ଫେରିଯାଇଥିଲେ। ଚଳିତବର୍ଷ ଘାଟ ବନ୍ଦ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିବାରୁ କାଉଡ଼ିଆମାନେ ବିରକ୍ତି ପ୍ରକାଶ କରିଥିଲେ। ତେବେ ପୀଠରେ ଶୃଙ୍ଖଳାର ସହ କାଉଡିଆମାନେ ଜଳଲାଗି କରିଥିଲେ। ଆବଶ୍ୟକ ପୋଲିସ ମୁତୟନ କରାଯାଇ ଭିଡ଼ ନିୟନ୍ତ୍ରଣ କରାଯାଇଥିବା ଆରଡ଼ି ଫାଣ୍ଡି ଅଧିକାରୀ ସୂଚନା ଦେଇଥିଲେ। ଚଳିତବର୍ଷ ଅଧିକ ମହିଳା କାଉଡ଼ିଆ ପୀଠକୁ ଆସିଥିବା ଜଣାଯାଇଛି।

# ବର୍ଜ୍ୟବସ୍ତୁ ସଂଗ୍ରହ କରିବ ଭ୍ରାମ୍ୟମାଣ ଭ୍ୟାନ୍



ଭ୍ରାମ୍ୟମାଣ ଭ୍ୟାନ ଉଦ୍‌ଘାଟନ କରାଯାଉଛି।

**ଭଦ୍ରକ ଅଫିସ, ୨୨।୭**

ଭଦ୍ରକ ପୌରାଞ୍ଚଳ ଅନ୍ତର୍ଗତ ସମସ୍ତ ୱାର୍ଡରୁ ଏଣିକି ଦୁଇଟି ଭ୍ରାମ୍ୟମାଣ ଭ୍ୟାନ୍ ବର୍ଜ୍ୟବସ୍ତୁ ସଂଗ୍ରହ କରିବ। ଏଥିପାଇଁ ସୋମବାର ପୌରପାଳିକା ପକ୍ଷରୁ ଦୁଇଟି ଭ୍ୟାନ୍‌କୁ ଉଦ୍‌ଘାଟନ କରାଯାଇଛି। ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି ସହରକୁ ନିର୍ମଳ ଓ ବର୍ଜ୍ୟବସ୍ତୁମୁକ୍ତ କରିବାରେ ଏହି ଭ୍ୟାନ ଲାଭଦାୟକ ହେବ ବୋଲି କହିଥିଲେ। ଏହି ଭ୍ୟାନ୍ ବର୍ଜ୍ୟବସ୍ତୁ ପିଟ୍ ଓ ଘର ଘର ବୁଲି ବର୍ଜ୍ୟବସ୍ତୁ ସଂଗ୍ରହ କରିବ ବୋଲି ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ ସାହୁ ସୂଚନା ଦେଇଥିଲେ। ବହୁ କାଉନସିଲର୍ ଓ ସହରବାସୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକଙ୍କ ଦ୍ୱାରା କେତେକ ହିତାଧିକାରୀଙ୍କୁ ଭତ୍ତା ଓ ଟ୍ରାଇସାଇକେଲ ବଣ୍ଟନ କରାଯାଇଥିଲା।



ଦିବ୍ୟାଙ୍ଗଙ୍କୁ ହ୍ୱିଲଚେୟାର, ଟ୍ରାଇସାଇକେଲ ପ୍ରଦାନ ବେଳେ ଜିଲାପାଳ ଓ ଅନ୍ୟମାନେ।

# ସ୍ୱଳ୍ପ ବୃଷ୍ଟିପାତ: ଆଗେଇ ପାରୁନି ଚାଷ କାମ

**ବନ୍ତ, ୨୨।୭ (ଡି.ଏନ.ଏ.)**

ଚଳିତ ଖରିଫ ଋତୁରେ କମ୍ ବୃଷ୍ଟିପାତ ଯୋଗୁ ବନ୍ତ ବ୍ଲକର ଶହ ଶହ ଏକର ଜମି ଏବେ ଶୁଖିଲା ପଡ଼ିଛି। ଫଳରେ ଚାଷ କାମ ଆଗେଇ ପାରୁନି। ଅପରପକ୍ଷେ ପାଣିର ଅପବ୍ୟବହାର ନ କରିବାକୁ ଜଳସେଚନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି। ପ୍ରକାଶ ଯେ, ବନ୍ତ ବ୍ଲକର ମୋଟ ୧୮,୮୬୫ ହେକ୍ଟର ଚାଷ ଜମି ଥିବାବେଳେ ସମସ୍ତ ଜମି ଜଳସେଚିତ। ସେଥିମଧ୍ୟରୁ ୧୭,୦୬୨ ହେକ୍ଟର ଜମିରେ ଧାନ ଚାଷ କରାଯାଉଛି। ଚଳିତ ଖରିଫ ଋତୁରେ ଧାନ

### ପାଣିର ଅପବ୍ୟବହାର ନ କରିବାକୁ ଜଳସେଚନ ବିଭାଗର ପରାମର୍ଶ

ଚାଷ ପାଇଁ ୧୦୩୧ ହେକ୍ଟର ଜମିରେ ତଳି ପଡ଼ିଛି। ଚଳିତ ମାସରେ ସମଗ୍ର ବ୍ଲକରେ ୭୫ ମି.ମି.ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଆବଶ୍ୟକଠାରୁ କମ୍ ବର୍ଷା ହେବା ଫଳରେ ଚାଷକାମ ବାଧାପ୍ରାପ୍ତ ହୋଇଛି। କେତେକ ଚାଷୀ କେନାଲ ପାଣି ଉପରେ ଭରସା କରି ତଳି ପକାଇଥିଲେ ମଧ୍ୟ ଅଦ୍ୟାବଧି କେନାଲ ପାଣି ଜମିରେ ମାଡ଼ି ନ ଥିବା ଦେଖାଯାଇଛି। ଅନ୍ୟପକ୍ଷେ ଗତ ୧୫ ତାରିଖରେ ହଦଗଡ ଡ୍ୟାମ୍‌ରୁ ପାଣି ଛଡ଼ାଯାଇଥିଲେ ମଧ ଜମି ଶୁଖିଲା ଥିବାରୁ ପାଣି ମାଡ଼ିବାରେ ବିଳମ୍ବ ହେଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଗତ ବର୍ଷଠାରୁ ଏବର୍ଷ ଅଧିକ ପାଣି ଜଳସେଚନ ବିଭାଗ ଆଣିଛି। ଏପରିସ୍ଥଳେ ପାଣିର ଆବଶ୍ୟକତା ଅନୁଯାୟୀ ବ୍ୟବହାର କରିବାକୁ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ବନ୍ତ ବ୍ଲକରେ ମୋଟ ୪ଟି ଜଳସେଚନ ସେକ୍ସନ କାର୍ଯ୍ୟ କରୁଛି। ସେଥିମଧ୍ୟରୁ ଶାଳନିଆଁ ସବ୍‌ଡିଭିଜନ ଅଧୀନରେ ବନ୍ତ ଓ ବିଦ୍ୟାଧରପୁର ସବ୍‌ଡିଭିଜନ ଅଧୀନରେ ଆଗରପଡ଼ା ରହିଛି। ବନ୍ତ ସେକ୍ସନ ଦ୍ୱାରା ୯ ହଜାର ଓ ଆଗରପଡା ସେକ୍ସନ ଦ୍ୱାରା ୧୦ ହଜାର ହେକ୍ଟର ଚାଷଜମିକୁ ଜଳ ଯୋଗାଣ ହେଉଛି ବୋଲି ବିଭାଗୀୟ ସୂତ୍ରରୁ ଜଣାଯାଇଛି। ଏ ସମ୍ପର୍କରେ ଏସ୍‌ଡିଓ ପ୍ରଣବ କୁମାର ନାୟକଙ୍କୁ ପଚାରିବାରୁ ଯେକୌଣସି ପରିସ୍ଥିତିରେ ଚାଷୀମାନଙ୍କୁ ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି।

# ଦିବ୍ୟାଙ୍ଗଙ୍କୁ ହ୍ୱିଲଚେୟାର, ଟ୍ରାଇସାଇକେଲ

**ଭଣ୍ଡାରିପୋଖରୀ, ୨୨।୭ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସୋମବାର ବ୍ଲକ କାର୍ଯ୍ୟାଳୟ ପରିସରରେ ୫ ଦିବ୍ୟାଙ୍ଗଙ୍କୁ ୩ଟି ଟ୍ରାଇସାଇକେଲ ଓ ୨ଟି ହ୍ୱିଲଚେୟାର ପ୍ରଦାନ କରାଯାଇଛି। ରହଣିଆ ଗ୍ରାମର ରେବତୀ ବେହେରା, ତେସିଙ୍ଗାର ଗୋବର୍ଦ୍ଧନ ଜେନା, ସରସଦା ଗ୍ରାମର ପର୍ଶୁରାମ ଜେନାଙ୍କୁ ଟ୍ରାଇସାଇକେଲ ଏବଂ ନାଆଁମୀ ଗ୍ରାମର ରାଜଲକ୍ଷ୍ମୀ ଖଡିରତ୍ନ, ସରସଦା ପଞ୍ଚାୟତ ହାଜିପୁର ଗ୍ରାମର ମନୋଜ ନାୟକଙ୍କୁ ହ୍ୱିଲଚେୟାର ପ୍ରଦାନ କରାଯାଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଉପଜିଲାପାଳ ପୀତାମ୍ବର ସାମଲ, ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର ଦେହୁରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସରୋଜିନୀ ସାହୁ, ବିଡିଓ ବନମାଳି ତରାଇ ଓ ବ୍ଲକ ଅଧ୍ୟକ୍ଷା ମଞ୍ଜୁଶ୍ରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମୟୂରଭଞ୍ଜ

# ଉଦଳାରେ ଯୁଗ୍ମ ଜନଶୁଣାଣି ଶିବିର



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି।

**ଉଦଳା, ୨୨।୭ (ଡି.ଏନ୍.ଏ.)**

କପ୍ତିପଦା ଉପଖଣ୍ଡ ଉଦଳାଠାରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ୧୩୬ ଅଭିଯୋଗ ଶୁଣାଣି ପାଇଁ ଆସିଥିଲା। ୪୦ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥିବା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ଜିଲାପାଳ ବିନୀତ ଭରଦ୍ୱାଜ, ଉପଜିଲାପାଳ ଭଗବାନ ବେହେରା, ପ୍ରକଳ୍ପ ପ୍ରଶାସକ ବିଧାନ ଚନ୍ଦ୍ର ରାୟ, ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱପ୍ନରଞ୍ଜନ ମହାପାତ୍ର, ସହକାରୀ ଜିଲାପାଳ ଗୌରହରି ମହାନ୍ତ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଶିବାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ । ଶିବିରରେ ଭୂମିହୀନଙ୍କୁ ଜମି ପ୍ରଦାନ, ରାସ୍ତା ଜବରଦଖଲ, ଶ୍ମଶାନ ଭୂମିରେ ପୋଖରୀ ଖନନ, ବାକି ରହିଥିବା ଘରକୁ ବିଦ୍ୟୁତୀକରଣ, ଶରତ ଡାକ୍ତରଖାନାର ଡାକ୍ତର ନିଯୁକ୍ତି ପ୍ରମୁଖ ଅଭିଯୋଗର ଶୁଣାଣି କରାଯାଇଥିଲା। ସମସ୍ତ ଅଭିଯୋଗ ମଧ୍ୟରେ ୧୧୪ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଥିବା ବେଳେ ୨୨ଟି ସାମୂହିକ ଏବଂ ୩ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ, ୮ ରେଡକ୍ରସ୍ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି କରାଯାଇ ମୋଟ ୧୧ ଆବେଦନକାରୀଙ୍କୁ ୪୦ ହଜାର ଟଙ୍କାର ଆର୍ଥିକ ସହାୟତା ଚେକ୍ ଆକାରରେ ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଶିବିରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ଜାଲ୍ ଚେକ୍‌ରେ ଟାର୍ଗେଟ ପୂରଣ ଘଟଣା

# ଲକ୍ଷାଧିକ ଟଙ୍କା କମିଶନ ପାଇଛନ୍ତି କର୍ମଚାରୀ

**ବାରିପଦା ଅଫିସ, ୨୨।୭**

ବିଦ୍ୟୁତ୍ ବିଲ୍ ଆଦାୟ ଟାର୍ଗେଟ ପୂରଣ ଲାଗି ବାରିପଦା ବିଦ୍ୟୁତ୍ ଡିଭିଜନର ଜଣେ ଉଚ୍ଚପଦସ୍ଥ ଅଧିକାରୀ ବିଭାଗକୁ ଜାଲ୍ ଚେକ୍ ଦେବା ଘଟଣା ପଦାକୁ ଆସିଛି। ଏହି କଳାକାରନାମା ଧରା ପଡିବା ପରେ ତଦନ୍ତ ଚାଲିଛି। ତେବେ ସଂପୃକ୍ତ ଅଧିକାରୀ ଉପରିସ୍ଥ ଅଧିକାରୀଙ୍କୁ ହାତବାରିସି କରିଥିବାରୁ ତଦନ୍ତ ବାଟବଣା ହେଉଥିବା ଅଭିଯୋଗ ହେଉଛି। ଏନେଇ 'ଧରିତ୍ରୀ'ରେ ଗତ ୧୮ ତାରିଖରେ ଏକ ଅନୁସନ୍ଧାନମୂଳକ ରିପୋର୍ଟ ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ଅଧିକ ତଦନ୍ତ ପାଇଁ ସୋମବାର ବାରିପଦା ଡିଭିଜନ କାର୍ଯ୍ୟାଳୟରୁ ବାଲେଶ୍ୱର ସ୍ଥିତ କର୍ପୋରେଟ କାର୍ଯ୍ୟାଳୟକୁ ଚେକ ବୁକ ରେଜିଷ୍ଟର ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ

### ବାରିପଦା ବିଦ୍ୟୁତ୍ ଡିଭିଜନ

■ ଡିଭିଜନ କାର୍ଯ୍ୟାଳୟରୁ କର୍ପୋରେଟ ଅଫିସକୁ ପଠାଗଲା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର

କାଗଜପତ୍ର ପଠାଯାଇଥିବା ବାରିପଦା ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ଦଣ୍ଡପାଟ ସୂଚନା ଦେଇଛନ୍ତି।

ଏହି ଠକେଇରେ କେବଳ ଉକ୍ତ ଅଧିକାରୀ ସମ୍ପୃକ୍ତ ନୁହନ୍ତି ଜଣେ କନିଷ୍ଠ ଯନ୍ତ୍ରୀ ଓ ବିଦ୍ୟୁତ ଦେୟ ଆଦାୟ କରୁଥିବା କେତେକ କର୍ମଚାରୀ ସାମିଲ ଥିବା ଜଣାପଡ଼ିଛି। ଏହି ଯନ୍ତ୍ରୀ ଓ କର୍ମଚାରୀମାନଙ୍କ ଦ୍ୱାରା ଅଧିକାରୀ ଜଣକ ବିଦ୍ୟୁତ୍ ଦେୟ ବାବଦକୁ ଜାଲ୍ ଚେକ ଆଣି ବିଭାଗକୁ ଦେଉଥିଲେ। ଟାର୍ଗେଟ ପୂରଣ ହେବା ପରେ ଆଦାୟ କରାଯାଇଥିବା ଟଙ୍କାକୁ ହିସାବ କରି ବିଭାଗ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା କମିଶନ ମଧ୍ୟ ସେମାନଙ୍କୁ ଦେଉଥିଲେ। କର୍ମଚାରୀମାନଙ୍କୁ ସେମାନଙ୍କ କମିଶନ ବାବଦକୁ ଲକ୍ଷାଧିକ ଟଙ୍କା ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ଚେକ୍ ଜାଲ୍ ହୋଇଥିବା ବେଳେ ବିଭାଗର ବିତ୍ତ ବ୍ୟବସ୍ଥାରେ ବକେୟା ଟଙ୍କା ଗଡୁଛି। ମାତ୍ର କର୍ମଚାରୀମାନେ ସେମାନଙ୍କର କମିଶନ ଟଙ୍କା ପାଇସାରିଛନ୍ତି। ଏ ଦିଗରେ ମଧ୍ୟ ବିଭାଗୀୟ ଅଧିକାରୀ ତଦନ୍ତ କରିବା ଆବଶ୍ୟକତା ରହିଛି।

ସୂଚନା ମୁତାବକ ନେସ୍କୋ ଦ୍ୱାରା ପ୍ରତି ମାସ ତଥା ବାର୍ଷିକ ବିଦ୍ୟୁତ ବିଲ୍ ଆଦାୟ ଲାଗି ଟାର୍ଗେଟ ଦିଆଯାଇଥାଏ। ଟାର୍ଗେଟ ପୂରଣ କଲେ ବିଭାଗୀୟ ଅଧିକାରୀଙ୍କୁ ବିଭାଗ ଦ୍ୱାରା ସମ୍ମାନିତ କରାଯାଇଥାଏ। ଏହି ଅନୁସାରେ ବାରିପଦା ବିଦ୍ୟୁତ ଡିଭିଜନର ଅଧିକାରୀ ଜଣକ ପ୍ରତି ଥର ବିଦ୍ୟୁତ ବିଲ୍ ଆଦାୟ ଟାର୍ଗେଟ ପୂରଣ କରିଥିଲେ। କାଗଜପତ୍ରରେ ଟାର୍ଗେଟ ପୂରଣ କରାଯାଉଥିବା ବେଳେ ବିଭାଗର ବିତ୍ତ ବ୍ୟବସ୍ଥାରେ ଅଧିକ ବକେୟା ପଡି ରହୁଥିଲା। ଏହାକୁ ନେଇ ବିଭାଗର ସନ୍ଦେହ ହେବାରୁ ତଦନ୍ତ ଆରମ୍ଭ ହୋଇଥିଲା। ଜାଲ୍ ଚେକ୍ ଦେଇ ଟାର୍ଗେଟ ପୂରଣ କରାଯାଇଥିବା ପଦାକୁ ଆସିଥିଲା। ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଜାଲ୍ ଚେକ୍ ବିଭାଗକୁ ଦିଆଯାଇଥିବା ଜଣାପଡିଛି। ସମ୍ପ୍ରତି ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଇ ଅଡିଟ କରାଯିବା ସକାଶେ ପଦକ୍ଷେପ ମଧ୍ୟ ନିଆଯାଇଛି। ସମସ୍ତ ପେମେଣ୍ଟର ଅଡିଟ କରିବାକୁ ନେସ୍କୋର ସିନିୟର ଜିଏମ(ଏଫ) ଗତ ୧୨ ତାରିଖରେ ପତ୍ର ସଂଖ୍ୟା–୯୩୩୭(୬)ରେ ଏଜିଏମ (ଏଫ) ସଞ୍ଜୟ କୁମାର ଦେଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗତ ମଙ୍ଗଳବାର ନେସ୍କୋ ୟୁଟିଲିଟିର ୨୦ ଜଣ ବିଦ୍ୟୁତ ବିଭାଗ ଅଧିକାରୀଙ୍କ ବଦଳି ହୋଇଥିବା ବେଳେ ଏହି ଅଧିକାରୀଙ୍କୁ ମଧ୍ୟ ଅନ୍ୟତ୍ର ବଦଳି କରାଯାଇଛି। ମାତ୍ର ବଦଳିରେ କାର୍ଯ୍ୟାନୁଷ୍ଠାନ ସୀମିତ ରଖି ବିଭାଗ ଚୁପ ବସିଛି। ଏକ ନିରପେକ୍ଷ ସଂସ୍ଥା ଦ୍ୱାରା ତଦନ୍ତ ହେଲେ ଅଧିକ ତଥ୍ୟ ବିଭାଗକୁ ମିଳିବ। ତେବେ ବିଭାଗୀୟ ଅଧିକାରୀମାନେ ଅଦୃଶ୍ୟ ଚାପରେ ତଦନ୍ତକୁ ଆଗକୁ ବଢ଼ାଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ନେସ୍କୋର ଅଥରାଇଜ ଅଫିସର ଶଙ୍କର କ୍ରିଷ୍ଣନଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ଓ ତାଙ୍କ ନିକଟକୁ ରିପୋର୍ଟ ଆସିନାହିଁ ବୋଲି କହିଛନ୍ତି।

### ଗୋଖର ଉଦ୍ଧାର

**ବାରିପଦା ଅଫିସ, ୨୨।୭**

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ କୁଳିପାଳ ଗ୍ରାମର କଟିଆ ପ୍ରଧାନଙ୍କ ଘରୁ ସୋମବାର ଏକ ଗୋଖର ସାପ ଉଦ୍ଧାର ହୋଇଛି। ସାପଟି ଗୋଟିଏ କୁକୁଡାକୁ ଗିଳି ଦେଇଥିବା ବେଳେ ଅନ୍ୟ ୩ଟି କୁକୁଡାଙ୍କୁ କାମୁଡ଼ି ଦେଇଥିଲା। ଫଳରେ ସେହି କୁକୁଡ଼ାମାନଙ୍କ ମୃତ୍ୟୁ ହୋଇଥିଲା। ବନ୍ୟପ୍ରାଣୀ ଉଦ୍ଧାରକାରୀ କୃଷ୍ଣଚନ୍ଦ୍ର ଗୋଛାୟତ ସାପଟିକୁ ଉଦ୍ଧାର ଅନ୍ୟତ୍ର ଛାଡ଼ି ଦେଇଥିବା ଜଣାପଡ଼ିଛି।



ଉଦ୍ଧାର ହୋଇଥିବା ସାପ।

# ମରୁଡ଼ି ଆଶଙ୍କା: ଚିନ୍ତାରେ ଚାଷୀ

**ରାଇରଙ୍ଗପୁର, ୨୨।୭(ଡି.ଏନ୍.ଏ.):**

ବର୍ଷା ଅଭାବରୁ ରାଇରଙ୍ଗପୁର ସବ୍‌ଡିଭିଜନ ଅନ୍ତର୍ଗତ ୭ଟି ବ୍ଲକ ଅଞ୍ଚଳରେ ମରୁଡି ଆଶଙ୍କା ସୃଷ୍ଟି ହୋଇଛି। ଚାଷ କାର୍ଯ୍ୟ କରି ନ ପାରି ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଜୁଲାଇ ୨୨ ତାରିଖ ସୁଦ୍ଧା ଏହି ସବ୍‌ଡିଭିଜନର ବିଭିନ୍ନ ବ୍ଲକ ଅଞ୍ଚଳରେ ମାତ୍ର ୩୦ରୁ ୫୦ ମି.ମି ବର୍ଷା ହୋଇଛି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ପାଣି ଅଭାବରୁ ବିଲରେ ପଡିଥିବା ଧାନ ତଳି ଶୁଖି ହଳଦିଆ ହୋଇଗଲାଣି। ଏହି ସବ୍‌ଡିଭିଜନ ଅନ୍ତର୍ଗତ ଖଡ଼ଖାଇ, ବାଙ୍କବଳ ଏବଂ ନେସା ଆଦି ୩ଟି ଡ୍ୟାମ ଉପରେ ଚାଷୀମାନେ ଚାଷକାର୍ଯ୍ୟ ଲାଗି ନିର୍ଭର କରିଥାନ୍ତି। ଜଳସେଚନ ବିଭାଗ ପକ୍ଷରୁ ପାଣି ପଞ୍ଚାୟତ ସହଯୋଗରେ ଖଡ଼ଖାଇ ଡ୍ୟାମ୍‌ରୁ ରାଇରଙ୍ଗପୁର ବ୍ଲକ୍‌ର ୨ଟି ଏବଂ କୁସୁମୀ ବ୍ଲକ୍‌ର ୫ଟି ସହ ମୋଟ ୭ଟି ପଞ୍ଚାୟତରେ ଚାଷୀଙ୍କ ସକାଶେ ୭୯୯୦ ହେକ୍ଟର ଜମି, ବାଙ୍କବଳ ଡ୍ୟାମ୍‌ରୁ ବିଜାତଳା, ବିଶୋଇ, ରାଇରଙ୍ଗପୁର ସମେତ ୯ଟି ପଞ୍ଚାୟତ ଓ ରାଇରଙ୍ଗପୁର ପୌର ପରିଷଦ ଅଞ୍ଚଳର ଚାଷୀଙ୍କ ୭ ହଜାର ୨ ଶହ ହେକ୍ଟର ଚାଷ ଜମି ଏବଂ ନେସା ଡ୍ୟାମ୍‌ରୁ ୨ଟି ପଞ୍ଚାୟତରେ ଚାଷୀଙ୍କ ୧ ହଜାର ୨୫ ହେକ୍ଟର ଚାଷ ଜମିକୁ ଚାଷ କାର୍ଯ୍ୟ ସକାଶେ ଜଳ ଯୋଗାଇ ଦିଆଯାଉଥିବା ଜଳସେଚନ ଡିଭିଜନ ନିର୍ବାହୀଯନ୍ତ୍ରୀ ଇ. ଅଜୟ କୁମାର ବେହେରା ପ୍ରକାଶ କରିଛନ୍ତି। ମାତ୍ର ଏହି ସବ୍‌ଡିଭିଜନ ଅଞ୍ଚଳରେ ଚାଷ କାର୍ଯ୍ୟ ସକାଶେ ଉଠାଜଳସେଚନ ବିଭାଗ ପକ୍ଷରୁ କୌଣସି ତତ୍ପରତା ଦେଖାଯାଉନାହିଁ। ଯାମଦା ବ୍ଲକ୍‌ରେ ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟ କରୁ ନ ଥିବାରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଚାଷୀ ଚାନ୍ଦରାୟ ମୁର୍ମୁ କହିଛନ୍ତି। ଏହି ସବ୍‌ଡିଭିଜନ ଅଞ୍ଚଳରେ ଥିବା ୧୧୯ଟି ଉଠାଜଳସେଚନ ପଏଣ୍ଟ ମଧ୍ୟରୁ ୧୧ଟି ଅଚଳ ରହିଛି। ଗ୍ରାମାଞ୍ଚଳ ଚାଷୀ ଉଠାଜଳସେଚନ ବ୍ୟବସ୍ଥା ଉପରେ ନିର୍ଭର କରୁଥିବାରୁ ଚାଷ କାର୍ଯ୍ୟ ଦିଗରେ ଜଳଯୋଗାଇବା ପ୍ରତି ପଦକ୍ଷେପ ନିଆଯାଉଛି ବୋଲି ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଇ. ଗଙ୍ଗାଧର ମହାନ୍ତ କହିଛନ୍ତି।



ଅତିଥିମାନଙ୍କ ସହିତ ସମ୍ବର୍ଦ୍ଧିତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକବୃନ୍ଦ।

# ୧୫ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସମ୍ବର୍ଦ୍ଧିତ

**ବାରିପଦା ଅଫିସ, ୨୨।୭**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ମୟୂରଭଞ୍ଜ ଜିଲାର ୫୪ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଏକ ସମ୍ମିଳନୀ ସ୍ଥାନୀୟ ରୋଟାରୀ କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜୋନର ବିଭାଗୀୟ ମଣ୍ଡଳାଧୀଶ ଚନ୍ଦ୍ରଭାନୁ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବିଜନ କୁମାର ଅନ୍ଧ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାପକ ଗୋପବନ୍ଧୁ ମହାନ୍ତ ଏବଂ ସମ୍ମାନିତ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ସ୍ମୃତିରଞ୍ଜନ ସାମନ୍ତରାୟ ଓ ରତିକାନ୍ତ ସି ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ କମଳାକାନ୍ତ ପ୍ରହରାଜ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମନୋଜ କୁମାର ପତି ମାନପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ପତି, କ୍ଷେତ୍ରମୋହନ ମହାନ୍ତ, ଯଦୁମଣି ମହାନ୍ତ, ରମାକାନ୍ତ ମହାନ୍ତ, ନିର୍ମଳେନ୍ଦୁ ବଳ, ପାଗଳରାଜ ବସନ୍ତିଆ, ପ୍ରଣତି ପଟ୍ଟନାୟକ, ବାସନ୍ତୀ ରାଉତ, ପ୍ରଦୀପ୍ତ କିଶୋର ବେଉରିଆ, ଶାନ୍ତି ମିଞ୍ଜ, ଉପେନ୍ଦ୍ରନାଥ ପଟ୍ଟନାୟକ, ନୃସିଂହପ୍ରିୟା ମିଶ୍ର, କପିଳେଶ୍ୱର ମଲିକ, କୈଳାସ ମହାପାତ୍ର ଓ ଯୁଧିଷ୍ଠିର ବାରିକ ପ୍ରମୁଖଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମାଝି, ପ୍ରବୀର କୁମାର ବେହେରା, ରେବା ଦାଶ, ବସୁମତୀ ଶତପଥୀ, ଅରବିନ୍ଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଲେଖ ଚନ୍ଦ୍ର ପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ମଙ୍ଗଳବାର, ଜୁଲାଇ ୨୩/୨୦୧୯ Balasore, Tuesday, July 23/2019

# ଭୂତ ଛଡ଼ାଇବା ଆଳରେ ମହିଳାଙ୍କୁ ଅସଦାଚରଣ

ଜଳେଶ୍ୱର, ୨୨।୭(ଡି.ଏନ.ଏ.)

■ ଗୁଣିଆଙ୍କୁ ଜୋତାମାଳ ପିନ୍ଧାଇ ଗାଁ ବୁଲାଇଲେ
■ ଛଡ଼ାଇବାକୁ ଯାଇ ପୋଲିସ ହଟହଟା

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଭୂତ ଛଡ଼ାଇବା ଆଳରେ ଅସଦାଚରଣ କରି ଜଣେ ୬୦ ବର୍ଷୀୟ ବୃଦ୍ଧ ଗୁଣିଆ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଗୁଣିଆର ଏତାଦୃଶ୍ୟ ଆଚରଣରେ ଉତ୍କ୍ଷିପ୍ତ ହୋଇ ଗାଁ ଲୋକେ ରାତିଅଧିଆ ଏକ କଙ୍ଗାରୁ କୋର୍ଟ କରି ଦଣ୍ଡସ୍ୱରୂପ ଜରିମାନା ବାବଦକୁ ୨୫ହଜାର ଟଙ୍କା ତାଙ୍କଠାରୁ ଆଦାୟ କରିଥିଲେ। ଭବିଷ୍ୟତରେ ଏହିଭଳି କାର୍ଯ୍ୟରୁ ଦୂରେଇ ରହିବା ପାଇଁ ଉକ୍ତ ଗୁଣିଆଙ୍କୁ ଜୋତାମାଳ ପିନ୍ଧାଇ ଟିଣ ବଜାଇ ଗାଁ ବୁଲାଇଥିଲେ। ଖବର ପାଇ ଜଳେଶ୍ୱର ଥାନାରୁ ଏକ ପୋଲିସ ଟିମ୍ ଉକ୍ତ ଗାଁକୁ ଯାଇ ଗୁଣିଆଙ୍କୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ। ତେବେ ପୋଲିସ ଟିମ୍ ମଧ୍ୟ ଉତ୍ୟକ୍ତ ଗ୍ରାମବାସୀଙ୍କ ଆକ୍ରୋଶର ଶୀକାରରୁ ବର୍ତ୍ତି ନ ଥିଲେ। କାହା ଅଭିଯୋଗ ଆଧାରରେ ପୋଲିସ ତାଙ୍କ ଗାଁକୁ ଆସିଛି ବୋଲି ଗ୍ରାମବାସୀ ପ୍ରଶ୍ନ କରି ଉକ୍ତ ପୋଲିସ ଟିମ୍‌କୁ ଘେରିଯାଇଥିଲେ। ପୋଲିସ ନିରୁପାୟ ହୋଇ ଥାନାକୁ ଫେରିଯିବାକୁ ବାଧ୍ୟ ହୋଇଥିଲା। କିନ୍ତୁ ଉକ୍ତ ଘଟଣାକୁ ନେଇ ଗୁଣିଆ କିମ୍ବା ଅସଦାଚରଣର ଶୀକାର ହୋଇଥିବା ମହିଳା ତଥା ପୋଲିସ ତରଫରୁ ଥାନାରେ ଅଦ୍ୟାବଧି କୌଣସି ମାମଲା ରୁଜୁ ହୋଇନାହିଁ।

# ଚାକିରି କରାଇଦେବାକୁ ଡାକି ନେଇ ଯୁବତୀଙ୍କୁ ବଳାତ୍କାର

ଭଣ୍ଡାରିପୋଖରୀ, ୨୨।୭ (ଡି.ଏନ.ଏ.)

ଚାକିରି କରାଇଦେବାକୁ ଡାକି ନେଇ ଜଣେ ଯୁବତୀଙ୍କୁ କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଧୀନ ଇଷନା ଗ୍ରାମର ଜଣେ ଯୁବକ ବଳାତ୍କାର କରିଥିବା ଯୁବତୀ ଜଣଙ୍କ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ୩୭୬, ୨୯୪, ୩୪୧, ୫୦୬, ୩୪ ଦଫାରେ ମାମଲା(ନଂ.୧୧୫/୧୯) ରୁଜୁ କରିଛି। ଥାନାଧିକାରୀ ସୁକାନ୍ତି କେରେଇ ଘଟଣାର ତଦନ୍ତ କରୁଛନ୍ତି। ସୋମବାର ପୋଲିସ ଯୁବତୀଙ୍କୁ ଡାକ୍ତରୀମାଇନା ପାଇଁ ପଠାଇଛି। ଯୁବକ ଜଣଙ୍କ ଯୁବତୀଙ୍କ ସହ ପ୍ରଥମେ ବନ୍ଧୁତା ସ୍ଥାପନ କରି ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇ ତାଙ୍କ ମୋବାଇଲ ନମ୍ବର ମାଗି ନେଇଥିଲେ। ପରେ ହାଇଦ୍ରାବାଦ ଅଞ୍ଚଳରେ ଚାକିରି କରାଇଦେବାକୁ କହି ତାଙ୍କୁ ଡାକିଥିଲେ। ସେ ଗତ ୧୭ ତାରିଖରେ ଛତାବର ଛକରେ ପହଞ୍ଚିବା ପରେ ଯୁବକ ଜଣଙ୍କ ତାଙ୍କୁ ଏକ ଜାଗାକୁ ନେଇଯାଇ ବଳାତ୍କାର କରିଥିବା ସେ ଅଭିଯୋଗରେ ଦର୍ଶାଇଥିବା ପୋଲିସ ସୂଚନା ଦେଇଛି।

# ଅର୍ଥ ଆତ୍ମସାତ, ଜେଲ୍‌ଗଲେ ଅଭିଯୁକ୍ତ

**ଜଳେଶ୍ୱର, ୨୨।୭(ଡି.ଏନ.ଏ.):** ଅର୍ଥ ଆତ୍ମସାତ୍ ମାମଲାରେ ଜଳେଶ୍ୱର ସାପ୍ତାହିକ ହାଟରେ ଥିବା ସ୍ପନ୍ଦନା ସ୍ଫୁର୍ତ୍ତି ଫାଇନାନ୍ସିଆଲ ଲିମିଟେଡ୍ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ସତ୍ୟମ ଖଟୁଆ (୨୪)ଙ୍କୁ ସୋମବାର ଗିରଫ କରାଯାଇଛି। ଏନେଇ ରାଇବଣିଆ ଥାନାରେ ପୋଲିସ ଏକ ମାମଲା(ନଂ.୪୦/୧୯) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତ ସତ୍ୟମଙ୍କୁ ଜଳେଶ୍ୱରସ୍ଥିତ ଜେଏମ୍ଏଫ୍‌ସି କୋର୍ଟରେ ହାଜର କରାଯିବା ପରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ଯିବାକୁ ପଡ଼ିଛି। ସତ୍ୟମଙ୍କ ଘର ଭଦ୍ରକ ଜିଲା ତିହିଡ଼ି ଥାନା ଚବିଷପଡ଼ା ଶାସନ ଗ୍ରାମରେ।

ଉକ୍ତ ସଂସ୍ଥାରେ କର୍ମଚାରୀ ଥାଇ ସତ୍ୟମ୍ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଥିବା ଏସ୍ଏଚ୍‌ଜିକୁ ଋଣ ମଞ୍ଜୁର କରିଦେବା ବାବଦକୁ ଦୈନିକ କିସ୍ତି ଆକାରରେ ଅର୍ଥ ସଂଗ୍ରହ କରୁଥିଲେ। ସେ ଗତ ୫ ତାରିଖରେ ୧ଲକ୍ଷ ୧୦ହଜାର ୭୨୦ ଟଙ୍କା ସଂଗ୍ରହ କରିଥିଲେ ମଧ୍ୟ ଜଳେଶ୍ୱର ୟୁକୋ ବ୍ୟାଙ୍କ ଶାଖାରେ ତାହା ଜମା କରି ନ ଥିବା ଜଳେଶ୍ୱର ଶାଖା କ୍ଲଷ୍ଟର ମ୍ୟାନେଜର ସତୀଶ କୁମାର ସିଂହ ଜାଣିବାକୁ ପାଇଥିଲେ। ଏନେଇ ସେ ଶନିବାର ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ରବୀନ୍ଦ୍ରନାଥ ବେହେରାଙ୍କ ନିର୍ଦ୍ଦେଶକ୍ରମେ ମାମଲାର ତଦନ୍ତ ଅଧିକାରୀ ଏଏସ୍ଆଇ ନିଜୟ ବେହେରା ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଥିଲେ।

# ବିଦ୍ୟାଳୟ ସାମ୍ନାରୁ ୩ୟ ଶ୍ରେଣୀ ଛାତ୍ରଙ୍କୁ ଅପହରଣ

ବାହାନଗା, ୨୨।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଶଙ୍କରପଦା ଗ୍ରାମର ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରୁ ସୋମବାର ଅପରାହ୍ନ ୪ଟା ବେଳେ ଜଣେ ୩ୟ ଶ୍ରେଣୀ ଛାତ୍ରଙ୍କୁ ଅପହରଣ କରାଯାଇଛି। ଦୁର୍ବୃତ୍ତମାନେ ଏକ ବୋଲେରୋରେ ତାଙ୍କୁ ଅପହରଣ କରିନେଇଥିବା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଓ ଛାତ୍ରଙ୍କ ଜେଜେବାପା ଅନନ୍ତପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଛାତ୍ରଙ୍କ ନାମ ଶୁଭଙ୍କର ମହାଳିକ(୮)।

ବିଦ୍ୟାଳୟ ଛୁଟି ହେବା ବେଳେ ଶୁଭଙ୍କର ବସ୍ତାନୀ ଧରି ବିଦ୍ୟାଳୟ ବାହାରକୁ ଆସିଥିଲେ। ଏହି ସମୟରେ ବାହାରେ ଏକ ବୋଲେରୋ ଧରି ଜଗି ରହିଥିବା କେତେକ ଦୁର୍ବୃତ୍ତ ତାଙ୍କୁ ଜବରଦସ୍ତ ଗାଡି ଭିତରକୁ ଟେକି ନେଇଥିଲେ। ଛାତ୍ର ଜଣକ ଚିତ୍କାର କରୁଥିଲେ ମଧ୍ୟ କେହି ସେମାନଙ୍କୁ ଅଟକାଇବାକୁ ସକ୍ଷମ ହୋଇପାରି ନ ଥିଲେ। ଏହି ଘଟଣା ପରେ ଛାତ୍ରଙ୍କ ସାଙ୍ଗମାନେ ଏ ସମ୍ପର୍କରେ ବିଦ୍ୟାଳୟର ଶିକ୍ଷକମାନଙ୍କୁ କହିଥିଲେ। ଶିକ୍ଷକମାନେ ଛାତ୍ରଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଶୁଭଙ୍କରଙ୍କ ଜେଜେବାପା ନଟବର ମହାଳିକ ଅନନ୍ତପୁର ଫାଣ୍ଡିରେ ନାତି ଅପହରଣ ନେଇ ଅଭିଯୋଗ କରଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅହଲ୍ୟା ଯେନା ମଧ୍ୟ ଅନୁରୂପ ଭାବେ ଅନନ୍ତପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଛାତ୍ରଙ୍କ ବାପା ସୂର୍ଯ୍ୟକାନ୍ତ ମହାଳିକ ବାଙ୍ଗାଲୋରରେ ଏକ ଘରୋଇ କମ୍ପାନୀରେ ଚାକିରି କରନ୍ତି। ତେବେ ଦେଢ଼ବର୍ଷ ପୂର୍ବେ ଛାତ୍ରଙ୍କ ମା' ଅନ୍ୟ ଜଣେ ଯୁବକଙ୍କୁ ଦ୍ୱିତୀୟ ବିବାହ କରିଛନ୍ତି। ଅନନ୍ତପୁର ଫାଣ୍ଡିରେ ପୃଥକ୍ ଭାବେ ଦୁଇଟି ଅଭିଯୋଗ କରାଯାଇଛି। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

# ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

ଭଦ୍ରକ ଅଫିସ, ୨୨।୭

ଭଦ୍ରକ ପୌରାଞ୍ଚଳ ଅଧୀନ ଜଣେ ବ୍ୟକ୍ତିଙ୍କ ଘରେ ସୋମବାର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଜଣେ ଶ୍ରମିକ ଗୁରୁତର ହୋଇ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ଭଦ୍ରକ ବ୍ଲକ ଗେଲଟୁଆ ବାରମୁଣ୍ଡା ଗାଁର ଶିବାନନ୍ଦ ଜେନା(୪୫) ଓ ଗୁରୁତର ଆହତ ହୋଇଥିବା ବ୍ୟକ୍ତି ରମ୍ବିଳା ଗାଁର ପ୍ରମୋଦ କୁମାର ପରିଡା ବୋଲି ଜଣାପଡ଼ିଛି। ଟାଉନ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୭୫/୧୯) ରୁଜୁ କରି ତଦନ୍ତ ଚଳାଇଛି। ଦୁହେଁ ଉକ୍ତ ଘରର ଆର୍ଥିଂ ମରାମତି କରୁଥିବା ବେଳେ ବିଦ୍ୟୁତ୍ ଆଘାତ ଲାଗିଥିଲା। ଆର୍ଥିଂ ପାଇଁ ଖୋଳା ଯାଇଥିବା ଗାତରେ ଦୁହେଁ ପଡ଼ିଯାଇଥିଲେ। ସେମାନଙ୍କୁ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ଶିବାନନ୍ଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରମୋଦଙ୍କ ହାତ, ଗୋଡ଼ ଓ ଛାତି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପୋଡ଼ି ଗୁରୁତର ହୋଇଥିବା ଜଣାଯାଇଛି।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# କୋଲକାତାକୁ ସ୍ଥାନାନ୍ତର ହେବ ଟାଟାସ୍ପଞ୍ଜ ମୁଖ୍ୟ କାର୍ଯ୍ୟାଳୟ

**ଯୋଡ଼ା, ୨୨।୭(ଡି.ଏନ.ଏ.)**

ଖଣିଜ ସମ୍ପଦ ପ୍ରାଚୁର୍ଯ୍ୟରେ ଭରା ଓଡିଶା ରାଜ୍ୟ ଜାତୀୟ ସମ୍ପଦର ମାଲିକାନା ଅନୁଯାୟୀ ଫାଇଦା ମିଳି ନ ଥିବା ବେଳେ ରାଜ୍ୟର ସର୍ବବୃହତ ଟାଟାସ୍ପଞ୍ଜ ଆଇରନ୍ ଲିମିଟେଡ କମ୍ପାନୀ ନିଜର ନାମ ପରିବର୍ତ୍ତନ କରି ଟାଟାଷ୍ଟିଲ ଲଙ୍ଗ ପ୍ରଡକ୍ଟ ଲିଃ ରଖିଛି। ଏହି କମ୍ପାନୀ ନିଜର ମୂଳ କାର୍ଯ୍ୟାଳୟକୁ ଓଡିଶାରୁ ପଶ୍ଚିମବଙ୍ଗକୁ ସ୍ଥାନାନ୍ତର କରୁଥିବା ଜଣାପଡିଛି। ଏହି କମ୍ପାନୀ ଓଡିଶାରୁ ଖଣିଜ ସମ୍ପଦ ନେଇ ନିଜ ଶିଳ୍ପରେ ବ୍ୟବହାର କରିବ କିନ୍ତୁ ଓଡିଶା ସରକାରଙ୍କ ନିୟମ ଓ କଟକ ହାଇକୋର୍ଟଙ୍କ କ୍ଷେତ୍ରାଧିକାର ମଧ୍ୟରେ ନଆସି ପଶ୍ଚିମବଙ୍ଗ ସରକାର ଓ ପଶ୍ଚିମବଙ୍ଗର କୋଲକାତା ହାଇକୋର୍ଟଙ୍କ କ୍ଷେତ୍ରାଧିକାର ମଧ୍ୟରେ ରହିବ। ଟାଟା ସ୍ପଞ୍ଜର ଏପରି ଓଡିଶା ବିରୋଧୀ ଅର୍ଥନୈତିକ ନୀତିକୁ ବିଭିନ୍ନ ମହଲରେ ଲୋକମାନେ ନିନ୍ଦା ଓ ବିରୋଧ କରିଛନ୍ତି। ଏ ସମ୍ପର୍କରେ କେନ୍ଦୁଝରର ଆଇନଜୀବୀ ସତ୍ୟଜିତ ନନ୍ଦ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଏଥିଯୋଗୁ ଓଡିଶାର ରାଜସ୍ୱ କ୍ଷତି ନିଶ୍ଚିତ ଭାବେ ହେବ। ପ୍ରଥମତଃ ଯଦି କମ୍ପାନୀ ଟ୍ୟାନ ନମ୍ବର ନୂଆକରି କରିଥିବ ତାହାଲେ ଆମ ରାଜ୍ୟର ଇନକମ୍ ଟ୍ୟାକ୍ସ ଟିଡିଏସ କ୍ଷତି ହେବ। ସେହିପରି କମ୍ପାନୀ ଆକ୍ଟରେ ଅନେକ ଜିନିଷର ପରିବର୍ତ୍ତନ ହେବାରୁ ରାଜ୍ୟର ରାଜସ୍ୱ କ୍ଷତି ହେବା ସ୍ୱାଭାବିକ ବୋଲି କହିଛନ୍ତି। ଏ ସମ୍ପର୍କରେ ଟାଟା ସ୍ପଞ୍ଜ କର୍ପୋରେଟ ଅଧିକାରୀ ଶୀତଳ ସ୍ୱାଇଁଙ୍କୁ ପଚାରିବାରୁ କମ୍ପାନୀ ସେକ୍ରେଟାରୀଙ୍କ ସହିତ ଏବାବଦରେ ବିଚାର ବିମର୍ଶ କରିବା ପରେ ତଥ୍ୟ ଦେବେ ବୋଲି କହିଛନ୍ତି। ପ୍ରକାଶ ଯେ, ଯୋଡା ବ୍ଲକ ବିଲେଇପଦାଠାରେ ଟାଟାସ୍ପଞ୍ଜର ଏହି କାରଖାନାଟି ୧୯୮୨ ମସିହାରେ ପଞ୍ଜୀକୃତ ହୋଇଥିଲା। ଏହି କାରଖାନାରେ ପ୍ରାୟ ୪ଶହରୁ ଉର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟ କରନ୍ତି। ଏହି କାରଖାନାକୁ ସ୍ପଞ୍ଜ ଆଇରନ ତିଆରି କରିବା ପାଇଁ ଯୋଡା ଖଣି ମଣ୍ଡଳରେ ଥିବା ଟାଟା କମ୍ପାନୀର ଖଣ୍ଡବନ୍ଧ ଖଣିକୁ କଞ୍ଚା ମାଲ ଆସେ। ଏହି କମ୍ପାନୀ ଝାଡଖଣ୍ଡର ଉଷା ମାର୍ଟିନ୍ ନାମକ କମ୍ପାନୀକୁ ମଧ୍ୟ ଆପଣାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି।



ଟାଟାସ୍ପଞ୍ଜ କାରଖାନା ଗେଟ।

# ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ବୈଠକ

**କେନ୍ଦୁଝର, ୨୨।୭(ଡି.ଏନ.ଏ.)**

କେନ୍ଦୁଝର ଜିଲାରଗ୍ରାମାଞ୍ଚଳରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରସ୍ତୁତି ବୈଠକ ଜିଲାପାଳ ଆଶିଷ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ଶନିବାର ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ଓଡିଶାରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବାରୁ କେନ୍ଦୁଝର ଜିଲାରେ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝୀ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିମିତ୍ତ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ନିୟମାବଳୀ ସମ୍ପର୍କରେ ବିଷଦ ଭାବେ ଆଲୋକପାତ କରି ଗ୍ରାମାଞ୍ଚଳରେ କିପରି ଏହାର ସୁପରିଚାଳନା କରାଯାଇପାରିବ ସେ ସମ୍ପର୍କରେ ଅବଗତ କରାଇଥିଲେ। କଠିନ ବର୍ଜ୍ୟବସ୍ତୁ ଏଣେତେଣେ ପଡିବା ଦ୍ୱାରା ତାହା ପରିବେଶ ପ୍ରଦୂଷଣର କାରଣ ପାଲଟିବା ସହ ବିଭିନ୍ନ ରୋଗ ବ୍ୟାପିବାର କାରଣ ହେଉଛି। ଏଣୁ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲଙ୍କ ସର୍ତ୍ତାବଳୀ ଅନୁଯାୟୀ ରାଜ୍ୟ ସରକାର କଠିନ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଘଟଗାଁ ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁରପାଟଣା ଗ୍ରାମ ପଞ୍ଚାୟତ ଏବଂ ଚମ୍ପୁଆ ବ୍ଲକର କାଶିପାଳ ଓ କୁଟାରୀପଶି ଗ୍ରାମ ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯିବ ଏବଂ ପରେ ପରେ ଜିଲାର ସମସ୍ତ ବ୍ଲକର ସବୁ ପଞ୍ଚାୟତରେ କାର୍ଯ୍ୟକାରୀ କରାଯିବ। ପଞ୍ଚାୟତସ୍ତରରେ ପ୍ରତି ସପ୍ତାହରେ ଉକ୍ତ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଡିଆର୍‌ଡିଏ ଲିଲିକୁମାରୀ କୁଲୁ, ସିଡିଏମ୍‌ଓ ଡ଼ା ଚୌଧୁରୀ ସ୍ୱରୂପ ମିଶ୍ର, ଜିଲାର ସମସ୍ତ ବିଡିଓ,ଗ୍ରାମ୍ଯ ଜଳ ଯୋଗାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଦୟାନିଧି ସାହୁ ଓ ବଳରାମ ମିଶ୍ରଙ୍କ ସମେତ ବିଭାଗୀୟ ଯନ୍ତ୍ରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବର୍ଷାଦିନରେ ଚାଲିଛି ପିଚୁ ରାସ୍ତା କାର୍ଯ୍ୟ

**ବଡଲା, ୨୨।୭(ଡି.ଏନ.ଏ.)**

ସାଧାରଣ ଲୋକଙ୍କର ଯାତାୟାତରେ ସୁବିଧା ଏବଂ ଯାନବାହାନର ଯାତାୟତ ପାଇଁ ସରକାର ବିଭିନ୍ନ ବିଭାଗକୁ ଅନୁଦାନ ଯୋଗାଇଦେଇଥାଏ । ସେହି ଅନୁଦାର ଅର୍ଥର କାର୍ଯ୍ୟ ସଠିକ ହେଉଛିକି ନାହିଁ ବିଭାଗ ଅଧିକାରୀ ଦାୟିତ୍ୱ ତୁଲାଇଥାନ୍ତି। ତାଛଡ଼ା ଜୁନମାସ ଠାରୁ ଅଗଷ୍ଟ ମାସ ପର୍ଯ୍ୟନ୍ତ ପିଚୁ କାର୍ଯ୍ୟ ନହେବା ପାଇଁ ସରକାରୀ ସ୍ତରରେ ନିୟମ ରହିଥିବା ଜଣାଯାଇଛି। ଏହି ସମୟରେ ରାସ୍ତା ଗୁଡ଼ିକ ଓଦା ଓ ପାଣି ଜମିବା ଏବଂ ବର୍ଷା ବିଭିନ୍ନ ସମୟରେ ହେଉଥିବାରୁ ପିଚୁ ରାସ୍ତାର ସ୍ଥାୟୀତ୍ୱ ନଷ୍ଟ ହେବ ବୋଲି ପିଚୁ ରାସ୍ତା ବନ୍ଦ ହୋଇଥାଏ। କିନ୍ତୁ କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ପୂର୍ତ୍ତ ବିଭାଗ ଅଧୀନରେ ଥିବା ଓରାଳି ଠାରୁ ଶାଳଣିଆଁ ପିଚୁ ହେଉଥିବାରୁ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। କୋଟିକୋଟି ଟଙ୍କା ବ୍ୟୟରେ ରାସ୍ତାକୁ ପ୍ରଶସ୍ତୀକରଣ କରାଯାଇ ପିଚୁ କାର୍ଯ୍ୟ ହେବା ପାଇଁ ଅନୁଦାନ ଯୋଗାଇ ଦିଆଯାଇଛି । ଖରା ସମୟରେ ପିଚୁ କାମ କରିବାକୁ ଠିକାଦାରଙ୍କ ସମୟ ମିଳି ନଥିବା ବେଳେ ବର୍ଷା ଦିନରେ ପିଚୁ କାର୍ଯ୍ୟକୁ ନେଇ ବିଭାଗ ଅଧିକାରୀ ଓ ଠିକାଦାରଙ୍କ ସହ ସଲାସୁତୁରା ଥିବା କୁହାଯାଉଛି । ଯଦି ଏଥିପ୍ରତି ପ୍ରଶାସନ ଧ୍ୟାନ ନ ଦିଏ ତାହେଲେ ରାସ୍ତାଟି ଖୁବ ଶୀଘ୍ର ନଷ୍ଟ ହୋଇଯିବ। ସାଧାରଣ ଲୋକଙ୍କର ରାସ୍ତା ପ୍ରତି ଥିବା ବିଶ୍ୱାସ ପୁଣି ପୂର୍ବ ଅବସ୍ଥାକୁ ଫେରିଆସି ଖାଲଖମା ହୋଇଯିବ। କାହା ନିର୍ଦ୍ଦେଶରେ ବର୍ଷାଦିନରେ ପିଚୁ କାର୍ଯ୍ୟ ହେଉଛି ତାକୁ ନେଇ ବିଭାଗ ଅଧିକାରୀଙ୍କର ସ୍ୱଚ୍ଛତା ଉପରେ ସନ୍ଦେହ ପ୍ରକଟ ହୋଇଛି। ଜିଲାପାଳ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି । ଏ ସମ୍ପର୍କରେ ବିଭାଗ ଏସିଡିଓଙ୍କୁ ଯୋଗାଯୋଗ କରିବାରୁ ବର୍ଷା ହେଲେ କାର୍ଯ୍ୟ ବନ୍ଦ କରିବାକୁ କୁହାଯାଇଛି। ବର୍ଷା ହେଉନାହିଁ ବୋଲି କାର୍ଯ୍ୟ ହେଉଥିବା ସେ କହିଛନ୍ତି। ଏଥିପ୍ରତି ଧ୍ୟାନ ଦିଆଯିବ।

# ମଦ କାରବାର ବନ୍ଦ ଲାଗି ମହିଳା ମହାସଂଘ ପକ୍ଷରୁ ପ୍ରସ୍ତୁତି


ବୈଠକରେ ଥିବା ମହିଳା।

**ଯୋଡ଼ା, ୨୨।୭(ଡି.ଏନ.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜଲହରି ପଞ୍ଚାୟତରେ ମଦମୁକ୍ତ ଅଞ୍ଚଳ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ ନେଇ ଗଠିତ ଗଜଲକ୍ଷ୍ମୀ ମହାସଂଘ ପକ୍ଷରୁ ସୋମବାର ୧୧ଟା ସମୟରେ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି। ଜଲହରି କେଏମସି ଅଙ୍ଗନୱାଡି ଗୃହଠାରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମଦବିରୋଧୀ ଅଭିଯାନ ସମ୍ପର୍କରେ ବୈଠକରେ ଆଲୋଚନା କରି ନିଷ୍ପତ୍ତି ନେଇଥିଲେ। ଅଞ୍ଚଳରେ ଚୋରାମଦ କାରବାର ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଅବକାରୀ ବିଭାଗ ସମେତ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଉନଥିବାରୁ ଚୋରାମଦ କାରବାର ରୋକିବାକୁ ମହିଳାମାନେ ସଙ୍ଗଠିତ ହୋଇ ଏହି ଅଭିଯାନ ଆରମ୍ଭ କରିଛନ୍ତି। ଜୁନ ୨୮ ତାରିଖରେ ପଞ୍ଚାୟତରେ ଥିବା ୫୦ରୁ ଉର୍ଦ୍ଧ୍ୱ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଚୋରା ମଦ କାରବାର ବିରୋଧରେ ଗାଁ ଗାଁ ବୁଲି ସଚେତନ କରିବା ସହିତ ଚୋରା ମଦ କାରବାର, ଗଞ୍ଜେଇ, ଭାଙ୍ଗ ଆଦି ନିଶାଦ୍ରବ୍ୟ କାରବାର କରୁଥିବା ବ୍ୟବସାୟୀଙ୍କୁ ଏହି କାରବାର ବନ୍ଦ କରିବା ପାଇଁ ଚେତାବନୀ ଦେଇଥିଲେ। ତେବେ ଖୁବ୍ ଶୀଘ୍ର ଏହି କାରବାରକୁ ବନ୍ଦ ନକଲେ ପୋଲିସ ପ୍ରଶାସନର ସହଯୋଗରେ ଏହି କାରବାରକୁ ବନ୍ଦ କରିବେ ବୋଲି ସଂଘ ପକ୍ଷରୁ ଅଂଚଳରେ ଚେତାବନୀ ଦିଆଯାଇଥିଲା । ମାତ୍ର ଏହି ଚୋରା ମଦ କାରବାରକୁ ବନ୍ଦ କରିବା ପରିବର୍ତ୍ତେ ଖୋଲାଖୋଲି ଭାବେ ବିକ୍ରୟ କରାଯାଉଥିବାରୁ ସଂଘ ଅବଗତ ହେବା ପରେ ସୋମବାର ଏହି ଜରୁରୀ କାଳୀନ ବୈଠକ ହୋଇଛି ବୋଲି ମହାସଂଘର ସଭାପତି ନାଗିନୀ ମଞ୍ଜରି ମୁଣ୍ଡା ଓ ସଂପାଦକ କୌଶଲ୍ୟା କେରାଇ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### କୋର୍ଟ ହାଜତରୁ ଚମ୍ପଟ ଅଭିଯୁକ୍ତ ଗିରଫ

**ଆନନ୍ଦପୁର, ୨୨।୭(ସ୍ୱ.ପ୍ର.)**- ଏକ ଚେକ୍ ବାଉନ୍ସ ମାମଲାରେ ରବିବାର ବିଳମ୍ବିତ ରାତିରେ ଗିରଫ ହୋଇଥିବା ଅଭିଯୁକ୍ତ ସୋମବାର କୋର୍ଟ ହାଜତରୁ ଫେରାର ହୋଇଯାଇଥିବା ଘଟଣା ନଜରକୁ ଆସିଛି। ଅଭିଯୁକ୍ତ ହେଉଛନ୍ତି ରାମଚନ୍ଦ୍ରପୁର ଥାନା ମଦନପୁର ଗ୍ରାମର ମଙ୍ଗେଶ କୁମାର ବେହେରା। ଚେକ୍ ବାଉନ୍ସ ଘଟଣାକୁ ନେଇ ପ୍ରଶାନ୍ତ କୁମାର ବେହେରା ଆନନ୍ଦପୁର କୋର୍ଟରେ ଅଭିଯୋଗ କରିଥିଲେ। ୱାନସିସି କେସ୍ (ନଂ ୩୪/୧୮)ରେ ମଙ୍ଗେଶ କୁମାର ବେହେରାଙ୍କ ନାମରେ ଓାରେଣ୍ଟ ଜାରି ହୋଇଥିଲା। ଓାରେଣ୍ଟ ବଳରେ ରାମଚନ୍ଦ୍ରପୁର ପୋଲିସ ମଙ୍ଗେଶକୁ ରବିବାର ବିଳମ୍ବିତ ରାତିରେ ଗିରଫ କରି ଘସିପୁରା ଗ୍ରାମ୍ୟ ନ୍ୟାୟାଳୟରେ ହାଜର କରିଥିଲେ। ସେଠାରେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହୋଇଥିବା ଆଇନଜୀବୀ ଭଗବାନ ମଲ୍ଲିକ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କୁ ପୋଲିସ ପକ୍ଷରୁ ଆନନ୍ଦପୁର ବିଚାର ବିଭାଗୀୟ ହାଜତକୁ ସ୍ଥାନାନ୍ତର କରିବା ପୂର୍ବରୁ ଅଭିଯୁକ୍ତ କୌଶଳକ୍ରମେ କୋର୍ଟ ହାଜତରୁ ଫେରାର ହୋଇଯାଇଥିଲେ। ଖବର ଲେଖାହେବା ବେଳକୁ ଅଭିଯୁକ୍ତ ମଙ୍ଗେଶକୁ ପୋଲିସ ପୁଣି ଗିରଫ କରିଥିବା ରାମଚନ୍ଦ୍ରପୁର ଥାନା ଆଇଆଇସି ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ ସୂଚନା ଦେଇଛନ୍ତି।

### ପରିବେଶ ସୁରକ୍ଷା ପାଇଁ ଚାରାରୋପଣ

**କେନ୍ଦୁଝର, ୨୨।୭(ଡି.ଏନ୍.ଏ.)**- ସ୍ୱେଚ୍ଛାସେବୀ ସଂଗଠନ ସଂଯୋଗ କେନ୍ଦୁଝର ଓ ଆଠପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ ହରଧରପୁରର ମିଳିତ ସହଯୋଗରେ ବିଦ୍ୟାଳୟର ୨୭୬ଜଣ ଛାତ୍ରୀଛାତ୍ରଙ୍କୁ ନେଇ ବନ ମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପରିବେଶବିତ ଭକ୍ତବତ୍ସଳ ମହାନ୍ତି ଛାତ୍ରୀଛାତ୍ରମାନଙ୍କୁ ନିଜ ନିଜ ବାଡିବଗିଚାରେ ବୃକ୍ଷରୋପଣ କରି ଯତ୍ନ ନେବାକୁ ସାମୂହିକ ଶପଥପାଠ କରାଇଥିଲେ। ବାୟୁମଣ୍ଡଳର ପରିବର୍ତ୍ତନକୁ ନିୟନ୍ତ୍ରଣ କରିବା ପାଇଁ ବୃକ୍ଷରୋପଣ, ଜୈବବିବିଧତାର ସୁରକ୍ଷା, ପ୍ରାକୃତିକ ସମ୍ପଦ, ଜଳ, ଜମି, ଜଙ୍ଗଲର ସନ୍ତୁଳିତ ବିକାଶ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ସମ୍ମାନିତ ଅତିଥି ଭାବେ କାଠବାରୀ କ୍ଲଷ୍ଟର କେନ୍ଦ୍ର ସଂଯୋଜକ ନିମାଇଁ ଚରଣ ସେଠୀ, ପ୍ରଧାନଶିକ୍ଷକ ବାଞ୍ଛାନିଧି ସାହୁ ପ୍ରମୁଖ ଆଠପଲ୍ଲୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆମ୍ବ, ପିଜୁଳି, ଜାମୁ, ପଣସ ଆଦି ଫଳଚାରା ସହିତ ଜାଳେଣି କାଠର ଚାରା ରୋପଣ କରିଥିଲେ। ଛାତ୍ରୀଛାତ୍ରମାନେ ମଧ ସମ୍ମିଳିତ ଭାବେ ବିଦ୍ୟାଳୟ ପରିସରରେ ଫଳ ଓ ଜାଳେଣି ଚାରା ରୋପଣ କରିଥିଲେ। ସଂଯୋଗର ବରିଷ୍ଠ କର୍ମଚାରୀ ଅନନ୍ତ ମହାନ୍ତ, ବିଦ୍ୟାଳୟ ଇକୋ କ୍ଲବ ଅଧିକାରୀ ଲାଲମୋହନ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ଭବାନୀ ଶଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### କବିଙ୍କ ଉଦ୍ଦେଶ୍ୟରେ ଅଭିନନ୍ଦନ ଗ୍ରନ୍ଥ

**ଆନନ୍ଦପୁର,୨୨।୭(ସ୍ୱ.ପ୍ର.)**- କବି ତଥା ଶିକ୍ଷାବିତ୍ ପ୍ରଫୁଲ୍ଲ ଚକ୍ରଙ୍କ ଏକ ଅଭିନନ୍ଦନ ଗ୍ରନ୍ଥ ପ୍ରକାଶ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିଶୁ ସାହିତ୍ୟିକ ଡ. ରାମଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଘସିପୁରା ବ୍ଲକ ବଳରାମପୁର ପଞ୍ଚାୟତ ନୂଆପଡା ଜଗନ୍ନାଥ ମନ୍ଦିର ପରିସରରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅଭିନନ୍ଦନ ଗ୍ରନ୍ଥ ନିମନ୍ତେ ଲେଖା ଅକ୍ଟୋବର ୨୦ ତାରିଖ ସୁଦ୍ଧା ପଠାଇବାକୁ ଧାର୍ଯ୍ୟ ହୋଇଥିଲା। ଏହି ଗ୍ରନ୍ଥରେ ଚକ୍ରଙ୍କ ପ୍ରକାଶିତ ବିଭିନ୍ନ କବିତା ପୁସ୍ତକ ମଧ୍ୟରୁ ''ଦେବକୀର'' ସମୀକ୍ଷାୟନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଅଭିନନ୍ଦନ ଗ୍ରନ୍ଥରେ ତାଙ୍କ ପିଲାଦିନର ଘଟଣାବଳୀ, ଯୁବାବସ୍ଥାର କଥା, ଶିକ୍ଷକ ଜୀବନ ଅନୁଭୂତି, କବି ଭାବରେ ତାଙ୍କର ମାନସିକ ଅବସ୍ଥା ଏବଂ ବିଭିନ୍ନ ସ୍ଥାନରେ ତାଙ୍କୁ ଦିଆଯାଇଥିବା ସମ୍ବର୍ଦ୍ଧନା ଓ ପ୍ରକାଶିତ ଲେଖାକୁ ସ୍ଥାନ ଦିଆଯିବ ବୋଲି ସ୍ଥିର କରାଯାଇଥିଲା। ଏହି ଗ୍ରନ୍ଥ ପାଇଁ ଉପଦେଷ୍ଟା ମଣ୍ଡଳିରେ କବି ଅଶୋକ ପୁହାଣ ଓ ରାମଚନ୍ଦ୍ର ନାୟକଙ୍କୁ ରଖାଯାଇଥିବାବେଳେ ଆଧାତ୍ମିକ ପୁସ୍ତକ 'ଜଗନ୍ନାଥ କିଏ'ର ରଚୟିତା ସରୋଜ କୁମାର ସାହୁ, ଶିକ୍ଷାବିତ୍ ତ୍ରୈଲୋଚନ ସାହୁ, ଶିକ୍ଷକ ହାଡିବନ୍ଧୁ ଓଝା ପ୍ରମୁଖ ସମ୍ପାଦନାମଣ୍ଡଳୀ କାର୍ଯ୍ୟ ତୁଲାଇବାକୁ ନିଷ୍ପତ୍ତି ନିଆଯାଇଥିଲା। କବି ଅନୀଲ ସାହୁ, ଦିଲ୍ଲୀପ କୁମାର ଭୂୟାଁ, ରଶ୍ମୀରଞ୍ଜନ ରାଉତ, ସୁକାନ୍ତ ଜେନା ଓ ଦିଲୀପ କୁମାର ରାଉତଙ୍କ ପରିଚାଳନାରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

# ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ବଡବିଲ, ୨୨।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ଥାନା ସେଡିଂ ଅଞ୍ଚଳର ସୁଜାତା କାରୁଆ ନାମ୍ନୀ ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଯୌତୁକ ନିର୍ଯାତନା ସହି ନ ପାରି ସୁଜାତା ବିଷଖାଇ ଆତ୍ମହତ୍ୟା କରିଥିବା ତାଙ୍କ ବାପଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ବଡବିଲ ଥାନାରେ ଦଫା ୪୯୮(ଏ)/୩୦୬ ଆଇପିସିରେ ଏକ ମାମଲା (ନଂ. ୧୪୮/୨୦୧୯) ରୁଜୁ କରି ମୃତ ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖିଛି।

ଥାନା ଆଇଆଇସି ସୁଶାନ୍ତ ଦାଶଙ୍କ ସୂଚନା ଅନୁଯାୟୀ, ଗତ ଏକ ବର୍ଷ ତଳେ ବଡବିଲ ଉପର ବସ୍ତିରେ ରହୁଥିବା ଦୁର୍ଯ୍ୟୋଧନ କାରୁଆଙ୍କ ଝିଅ ସୁଜାତାଙ୍କୁ ସେଡିଂରେ ରହୁଥିବା ଜଣେ ଯୁବକ ପ୍ରେମ ବିବାହ କରିଥିଲେ। ତେବେ ବିବାହ ପରେ ଯୌତୁକ ପାଇଁ ସେ ବାରମ୍ବାର ନିର୍ଯାତନା ଦେଇ ଆସୁଥିଲେ। ନିର୍ଯାତନା ସହି ନ ପାରି ସୁଜାତା ସୋମବାର ସକାଳେ ବିଷ ଖାଇ ଆତ୍ମହତ୍ୟା କରିଥିବା ତାଙ୍କ ବାପଘର ପକ୍ଷରୁ ଅଭିଯୋଗ ହୋଇଛି। ସୁଜାତା ବିଷ ଖାଇବା ପରେ ତାଙ୍କୁ ଡାକ୍ତରଖାନାକୁ ନେବା ବଦଳରେ ତାଙ୍କ ସ୍ୱାମୀ ଶ୍ୱଶୁର ଘରେ ପହଞ୍ଚି ଘଟଣା ସମ୍ପର୍କରେ ଜଣାଇଥିଲେ। ତେବେ ସେ ନିଜେ ବିଷ ଖାଇଛନ୍ତି ନା ତାଙ୍କୁ ବିଷ ଖୁଆଯାଇଛି ତାହା ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ବିବାହର ମାତ୍ର ୧ ବର୍ଷ ୩ ମାସ ହୋଇଥିବାରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପଞ୍ଚାନାମା କରାଯିବା ସହ ଚମ୍ପୁଆରେ ଏକ ସ୍ୱତନ୍ତ୍ର ଡାକ୍ତରୀଦଳ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ତଦନ୍ତକାରୀ ପୋଲିସ ଅଫିସର ବୁଧିରାମ ସୋଏ ସୂଚନା ଦେଇଛନ୍ତି।

# ଖଲଣା ବୋଲବମ୍ ଯାତ୍ରୀଙ୍କ ତିରୁପତି ଗସ୍ତ


କାଉଡିଆମାନେ ତିରୁପତି ଗସ୍ତରେ ବାହାରିଛନ୍ତି।

**ଆନନ୍ଦପୁର,୨୨।୭(ସ୍ୱ.ପ୍ର.)**

ଘସିପୁରା ବ୍ଲକ ଖଲଣା ବୋଲବମ୍ ଯାତ୍ରୀମାନେ ସୋମବାର ଦିନ ତିରୁପତି ଗସ୍ତ କରିଛନ୍ତି। ଏହି ଯାତ୍ରାକୁ ଖଲଣାର ପୂର୍ବତନ ସମିତି ସଭ୍ୟ ବିଚିତ୍ର ଚକ୍ର ଉପସ୍ଥିତ ରହି ଶୁଭାରମ୍ଭ କରିଛନ୍ତି। ବୋଲବମ୍ ଯାତ୍ରୀମାନେ ଅଞ୍ଚଳର ମଙ୍ଗଳ ପାଇଁ ତିରୁପତି ସ୍ଥିତ ବାବା ଭେଙ୍କଟେଶ୍ୱର ମନ୍ଦିରରେ ଜଳଲାଗି କରିବାର କାର୍ଯ୍ୟକ୍ରମ ରହିଛି। ବୋଲବମ୍ ଯାତ୍ରୀ ରଘୁନାଥ ଓଝା, ହରିହର ଦଳେଇ, ଗୌତମ ଓଝା, ପୁପୁନା ବାରିକ, ରାଜେନ୍ଦ୍ର ସା, ତପନ ସା, କୁମ୍ଭକର୍ଣ୍ଣ ରାଉତ, ପ୍ରଦୀପ ସା, ମାଧବାନନ୍ଦ ବାରିକ, ଦୀପକ ରାଉତ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ବୋଲବମ ଯାତ୍ରୀ ଏଥିରେ ସାମିଲ ହୋଇଥିଲେ।

# ବ୍ଲକ୍ ରୋଡ୍ ଜବରଦଖଲ


ରାସ୍ତା ପାର୍ଶ୍ୱରେ ପଡିଥିବା କ୍ୟାବିନ।

**ଝୁମ୍ପୁରା, ୨୨।୭ (ଡି.ଏନ.ଏ.)**

ଝୁମ୍ପୁରା ବଜାର ଅଞ୍ଚଳର ୨୦ନଂ ଜାତୀୟ ରାଜପଥର ବ୍ଲକ ଛକ ଠାରୁ ତହସିଲ କାର୍ଯ୍ୟାଳୟ ଏବଂ ବ୍ଲକ କାର୍ଯ୍ୟାଳୟ ପାର୍ଶ୍ୱରେ ଉଖୁଣ୍ଡାକୁ ସଂଲଗ୍ନ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ଅନେକ ସ୍ଥାନରେ ଜବରଦଖଲକୁ ନେଇ ବିବାଦ ଦେଖା ଦେବା ସହିତ ତହସିଲରେ ଅଭିଯୋଗ ସରିଛି। ୨ବର୍ଷ ପୂର୍ବରୁ ଏହି ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ସମୟରେ ଜବର ଦଖଲ ଉଚ୍ଛେଦ କରାଯାଇଥିଲା। ରାସ୍ତା ନିର୍ମାଣ ସରିବା ପରେ ଝୁମ୍ପୁରା ବ୍ଲକ ଛକଠାରୁ କୃଷି ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅନେକ ସ୍ଥାନରେ ନିଜ ଦୋକାନ ଘରର ତାଜା ରାସ୍ତା ପାର୍ଶ୍ୱକୁ ବଢାଇବା, ରାସ୍ତା ସଂଲଗ୍ନ ବେନିୟମ ନିର୍ମାଣ କରିବା, ଉଚ୍ଚ ବିଦ୍ୟାଳୟ ରାସ୍ତାପାର୍ଶ୍ୱ ପାଚେରି କଡରେ କ୍ୟାବିନ ପକାଇବା ଯୋଗୁ ପୁଣି ଥରେ ବ୍ଲକ ଛକରୁ ବ୍ଲକ ରାସ୍ତା ୫ଶହ ମିଟର ପର୍ଯ୍ୟନ୍ତ ଅବରୋଧ ହୋଇଚାଲିଛି। ଏଥିଲାଗି ଗାଡି ଓ ବାଇକ ରାସ୍ତା ଉପରେ ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ପ୍ରତ୍ୟହ ଏହି ସ୍ଥାନରେ ବାଇକ ଆରୋହୀ ଏବଂ ସାଧାରଣ ପଥଚାରୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି।

**ତହସିଲରେ ଅଭିଯୋଗ**

ଏ ସମ୍ପର୍କରେ ତହସିଲଦାର ଜନକ ନାୟକଙ୍କୁ ପଚାରିବାରୁ ରାସ୍ତା ପାର୍ଶ୍ୱରେ ପଡିଥିବା କ୍ୟାବିନଗୁଡିକୁ ଉଠାଇବା ପାଇଁ କୁହାଯାଇଛି। ବେନିୟମ ନିର୍ମାଣ ନ କରିବା ପାଇଁ ମଧ ତାଗିଦ କରାଯାଇଛି। ଏହାକୁ ନ ମାନିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

# ମନ୍ଦିର ସମସ୍ୟାକୁ ନେଇ ଦାବିପତ୍ର

**ଆନନ୍ଦପୁର, ୨୨।୭(ସ୍ୱ.ପ୍ର.)**

ଆନନ୍ଦପୁରର ଆରାଧ୍ୟ ଦଧିବାମନଜୀଉଙ୍କ ମନ୍ଦିରରେ ବିଭିନ୍ନ ସମୟରେ ସୃଷ୍ଟି ହେଉଥିବା ସମସ୍ୟାକୁ ନେଇ ଆନନ୍ଦପୁରର ସଚେତନ ନାଗରିକଙ୍କ ପକ୍ଷରୁ ସୋମବାର ଏକ ଦାବିପତ୍ର ଉପଜିଲାପାଳ ରବୀନ୍ଦ୍ର ସାହୁଙ୍କୁ ପ୍ରଦାନ କରାଯାଇଛି। ପ୍ରେସ୍ କ୍ଲବ ସମ୍ପାଦକ ସନ୍ତୋଷ କୁମାର ରାଉତଙ୍କ ସଂଯୋଜନାରେ ପ୍ରେସ୍ ପରିଷଦ ସମ୍ପାଦକ ନିରାକାର ଦଳେଇ, ବରିଷ୍ଠ ନାଗରିକ ଅଭିମନ୍ୟୁ ରଣା, ରମେଶ କୁମାର ସିଂହ, ବିଦ୍ୟାଧର ରଣା, ମନୋଜ କୁମାର ସିହ୍ନା, ଜ୍ୟୋତି ରଞ୍ଜନ ଜେନା, ପ୍ରଦୀପ କୁମାର ମିଶ୍ର ପ୍ରମୁଖଙ୍କ ସମେତ ବହୁ ସଚେତନ ନାଗରିକ ଉପସ୍ଥିତ ରହି ଉପଜିଲାପାଳଙ୍କୁ ମନ୍ଦିରର ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ୨୦୧୮ ଜୁନ ୧ ତାରିଖରେ ମନ୍ଦିରର ମୁଖ୍ୟ ଠାକୁରଙ୍କର ୪ ଗୋଟି ସୁନା ଚିତା ଚୋରି ଘଟଣାର ପର୍ଦ୍ଦାଫାଶ ହୋଇ ନ ଥିବାବେଳେ ୨୦୧୯ ଜୁଲାଇ ୧୬ରେ ପାର୍ଶ୍ୱଦେବଦେବୀଙ୍କ ନିକଟରେ ଥିବା ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଚୋରି ଘଟଣା ପୁଣି ଚର୍ଚ୍ଚାରେ ରହିଛି। ହେଲେ ଅଦ୍ୟାବଧି ପୋଲିସ ତଦନ୍ତରେ ସେଭଳି କିଛି ଅଗ୍ରଗତି ହୋଇନାହିଁ। ଶ୍ରୀ ଜୀଉଙ୍କର ୪୨୦ ଏକର ଜମି ବିଭିନ୍ନ ଲୋକଙ୍କ କବ୍‌ଜାରେ ରହିଥିବାବେଳେ ଜମିଗୁଡିକରୁ କୌଣସି ଆୟ ଆସୁନାହିଁ। ଫଳରେ ରୀତି ନୀତିରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ଦେବୋତ୍ତର ବିଭାଗ ନିକଟରେ ମାତ୍ର ୮ ଏକର ଜମିର ହିସାବ ରହିଥିବାବେଳେ ଅନ୍ୟ ଜମିକୁ ଚିହ୍ନଟ କରାଯିବାର ଜରୁରୀ ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଆନନ୍ଦପୁର ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ ଦଧିବାମନ ଜୀଉଙ୍କର ରହିଥିବା ଜମିକୁ ଚିହ୍ନଟ କରିବାର ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ କରାଯିବ ଏବଂ ମନ୍ଦିରର ସୁରକ୍ଷା ଦୃଷ୍ଟିରୁ ସିକ୍ୟୁରିଟି ବ୍ୟବସ୍ଥା କରାଯିବା ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ଏକ ସାଧାରଣ ବୈଠକ ଡକାଯାଇ ଆଲୋଚନା କରାଯିବ ବୋଲି କହିଥିଲେ।

■ ଜିଲା ଶିକ୍ଷାଧିକାରୀଙ୍କ ନିୟମକୁ ବିରୋଧ

# ସ୍କୁଲରେ ତାଲା ପକାଇଲେ ମହିଳା

**ଆନନ୍ଦପୁର, ୨୨।୭(ସ୍ୱ.ପ୍ର.)**

ଘସିପୁରା ବ୍ଲକ ଭୋଳନୁଆଗାଁର ୟୁଜିଏମଇ ସ୍କୁଲକୁ ସୋମବାର ମହିଳା ଅଭିଭାବକମାନେ ତାଲା ପକାଇଥିଲେ। ଏହି ବିଦ୍ୟାଳୟର ଷଷ୍ଠରୁ ସପ୍ତମ ଶ୍ରେଣୀ ପିଲାମାନେ ସକାଳ ୬ଟାରୁ ୧୧ ଟା ଏବଂ ପ୍ରଥମରୁ ୫ମ ଶ୍ରେଣୀ ପିଲାମାନେ ସକାଳ ୧୦ଟାରୁ ୪ଟା ପର୍ଯ୍ୟନ୍ତ ପଠାପଢିବେ ବୋଲି ଜିଲା ଶିକ୍ଷାଧିକାରୀ ନିୟମ କରିଛନ୍ତି। ଏହି ନିୟମକୁ ବିରୋଧ କରି ମହିଳା ମାନେ ବିଦ୍ୟାଳୟ ମୁଖ୍ୟ ଫାଟକକୁ ଦୀର୍ଘ ଘଣ୍ଟା ଧରି ତାଲା ପକାଇଥିଲେ।

ଶ୍ରେଣୀ ଗୃହର ଅଭାବ ବିଦ୍ୟାଳୟର ମୁଖ୍ୟ ସମସ୍ୟା। ଗୋଟିଏ ଶ୍ରେଣୀ ଗୃହରେ ବିଦ୍ୟାଳୟର ପ୍ରଥମରୁ ୭ମ ପର୍ଯ୍ୟନ୍ତ ୧୩୮ ଛାତ୍ରୀଛାତ୍ର ନିର୍ଭର କରୁଛନ୍ତି। ବିଦ୍ୟାଳୟର ରହିଥିବା ଅସୁରକ୍ଷିତ ଶ୍ରେଣୀ ଗୃହର ମରାମତି ପାଇଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ନୂତନ ଗୃହ ପାଇଁ ମଧ୍ୟ ଅନୁଦାନ ମଞ୍ଜୁର ହୋଇଛି। ହେଲେ ଶ୍ରେଣୀ ଗୃହ ମରାମତି ହୋଇପାରୁନି କି ନୂତନ ଗୃହ ମରାମତି ହୋଇପାରୁନି। ଯେଉଁଥିପାଇଁ ଶିକ୍ଷା ଜିଲା ଅଧିକାରୀ ଛାତ୍ରୀଛାତ୍ର ପାଠପଢିବା ପାଇଁ ଏହି ନିୟମ ଲାଗୁ କରିଥିଲେ। ଯାହାକୁ ଅଭିଭାବକମାନେ ବିରୋଧ କରିଛନ୍ତି। ବିଦ୍ୟାଳୟ ପାଇଁ ନୂତନ ଗୃହ ନିର୍ମାଣ ଏବଂ ଅସୁରକ୍ଷିତ ଗୃହର ମରାମତି କରାଯାଇ ଛାତ୍ରୀଛାତ୍ରଙ୍କ ପାଠପଢାକୁ ସ୍ୱାଭାବିକ କରିବା ପାଇଁ ମହିଳାମାନେ ବିଦ୍ୟାଳୟରେ ତାଲା ପକାଇଥିଲେ। ଏବିଇଓ ଉତ୍ତମ ନାୟକ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ ସୁଦ୍ଧା ମହିଳାମାନେ ଜିଦ୍‌ରେ ଅଟଳ ରହିଥିଲେ। ପରେ ଏନେଇ ଘସିପୁରା ବିଡିଓଙ୍କ ସହିତ ଆଲୋଚନା କରାଯାଇ ସମାଧାନର ବାଟ ବାହାର କରିବାକୁ ମହିଳାମାନଙ୍କୁ ବିଇଓ ନାୟକ କହିଥିଲେ। ପରେ ମହିଳାମାନେ ଧାରଣାରୁ ଓହରିବା ସହିତ ବିଡିଓଙ୍କ ସହିତ ଉଭୟ ଅଭିଭାବକ ଏବଂ ସ୍କୁଲ ପରିଚାଳନା କମିଟି ଆଲୋଚନା କରି ସମାଧାନର ସୂତ୍ର ବାହାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।


ଅଭିଭାବକମାନେ ସ୍କୁଲରେ ତାଲା ପକାଇଛନ୍ତି।

## ସଂକ୍ଷେପରେ

### କର୍ମଚାରୀ ସାଧାରଣ ପରିଷଦ ବୈଠକ

କେନ୍ଦୁଝର ୨୨।୭ (ସ୍ୱ.ପ୍ର.)- ସ୍ଥାନୀୟ ପାର୍କଲାଇନସ୍ଥିତ କର୍ମଚାରୀ ସମନ୍ୱୟ ସମିତି ର ସାଧାରଣ ପରିଷଦ ବୈଠକ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ସଭାପତି ଜିତେନ୍ଦ୍ର କୁମାର ଗନ୍ତାୟତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସହ ବନ୍ଧିତ କର୍ମଚାରୀ ସଙ୍ଗଠନର କର୍ମକର୍ତ୍ତା ତଥା ସଭ୍ୟାସଭ୍ୟମାନେ ଯୋଗ ଦେଇଥିଲେ। ସଙ୍ଗଠନର କାର୍ଯ୍ୟକର୍ତ୍ତାଙ୍କ ଅବଧି ଶେଷ ହୋଇଥିବାରୁ ଉକ୍ତ ପଦବୀଗୁଡ଼ିକୁ ପୂରଣ ନିମନ୍ତେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା। ପୁରୁଣା ପରିଷଦକୁ ଭଙ୍ଗ କରାଯାଇ ନୂତନ କାର୍ଯ୍ୟକାରିଣୀ ପରିଷଦ ଗଠନ କରାଯାଇଥିଲା। ଅଧକ୍ଷ ଭାବେ ଚିତ୍ରଲେଖା ଦାସ, ସଭାପତି କୃଷ୍ଣଚନ୍ଦ୍ର ପରିଡା, କାର୍ଯ୍ୟକାରୀ ସଭାପତି ଗଙ୍ଗାଧର ସାହୁ, କୋଷାଧକ୍ଷ ରଘୁନାଥ ସାହୁ, ମୁଖ୍ୟ ଉପଦେଷ୍ଟା ବିଜୟ କୁମାର ମିଶ୍ର, ସମ୍ପାଦକ ଜିତେନ୍ଦ୍ର କୁମାର ଗନ୍ତାୟତଙ୍କୁ ମନୋନୀତ କରାଯାଇଛି। ଆସନ୍ତା ଅଗଷ୍ଟ ୧୫କୁ ପୂର୍ବବର୍ଷ ଭଳି ସୂଚାରୁ ରୂପେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡା ଯାଇଥିଲା। ସଙ୍ଗଠନର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଶେଷରେ ଅଶୋକ କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଶୈବପୀଠରେ କାଉଡିଆଙ୍କ ଭିଡ଼

ବନ୍ତ, ୨୨।୭ (ସ୍ୱ.ପ୍ର.): ବନ୍ତ ବ୍ଲକର ବିଭିନ୍ନ ଶୈବପୀଠରେ ସୋମବାର କାଉଡ଼ିଆ ଭକ୍ତଙ୍କ ଭିଡ଼ ଲାଗିରହିଥିଲା। ଆଗରପଡା ଥାନା ଅନ୍ତର୍ଗତ ଅଣିଜୋସ୍ଥିତ ସିନ୍ଧୁକେଶ୍ୱର ପୀଠରେ ୭୦୦ରୁ ଉର୍ଦ୍ଧ୍ୱ କାଉଡ଼ିଆ ବାବାଙ୍କ ଉପରେ ଜଳଲାଗି କରିଥିଲେ। କାଉଡ଼ିଆମାନେ ଶାନ୍ତିଶୃଙ୍ଖଳାରେ ଜଳଲାଗି କରିବା ଓ ରାତ୍ରିଯାପନ ପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବାବେଳେ ଆଗରପଡା ପୋଲିସ ମୁତୟନ ରହିଥିଲେ। ସେହିପରି ନୂଆପୋଖରୀ ଧାନଘର ଛକରେ ସୁବର୍ଣ୍ଣେଶ୍ୱର ଓ ପାନପଦୀର ଗୁପ୍ତେଶ୍ୱର ମନ୍ଦିରରେ ଭକ୍ତମାନେ ଜଳଲାଗି କରିଥିଲେ।

### ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲାଙ୍କୁ ଶ୍ରଦ୍ଧାଞ୍ଜଳି

ଭଣ୍ଡାରିପୋଖରୀ, ୨୨।୭ (ଡି.ଏନ.ଏ.): ଭଣ୍ଡାରିପୋଖରୀ ବ୍ଲକ କଂଗ୍ରେସ ପକ୍ଷରୁ କାର୍ଯ୍ୟାଳୟ ରାଜୀବ ଭବନଠାରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲା ଦୀକ୍ଷିତଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପିସିସି ସଭ୍ୟ ସୁବ୍ରତ ଦାସ, ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦ, ସରପଞ୍ଚ ବିଜୟ ଶଙ୍କର ମହାନ୍ତି, ପ୍ରଶାନ୍ତ ସାହୁ, ସୁବାସ କାଣ୍ଡି, ମିଟୁ ପଣ୍ଡା, ରାଜେନ୍ଦ୍ର ପଣ୍ଡା, ଅଭିମନ୍ୟୁ ବେହେରା, ରମେଶ ଭାରତୀ, ଅବିନାଶ ରାଉତ ପ୍ରମୁଖ ସ୍ମୃତିଚାରଣ କରିଥିଲେ।

### ଉଦଳାରେ ଯୁଗ୍ମ ଜନଶୁଣାଣି ଶିବିର

ଉଦଳା,୨୨।୭ (ଡି.ଏନ୍.ଏ.)- କପ୍ତିପଦା ଉପଖଣ୍ଡ ଉଦଳାଠାରେ ସୋମବାର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ୧୩୬ ଅଭିଯୋଗ ଶୁଣାଣି ପାଇଁ ଆସିଥିଲା। ୪୦ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଇଥିବା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଜିଲାପାଳ ବିନୀତ ଭରଦ୍ୱାଜ, ଉପଜିଲାପାଳ ଭଗବାନ ବେହେରା, ପ୍ରକଳ୍ପ ପ୍ରଶାସକ ବିଧାନ ଚନ୍ଦ୍ର ରାୟ, ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱପ୍ନରଞ୍ଜନ ମହାପାତ୍ର, ସହକାରୀ ଜିଲାପାଳ ଗୌରହରି ମହାନ୍ତ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଶିବାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ। ଶିବିରରେ ଭୂମିହୀନଙ୍କୁ ଜମି ପ୍ରଦାନ, ରାସ୍ତା ଜବରଦଖଲ, ଶ୍ମଶାନ ଭୂମିରେ ପୋଖରୀ ଖନନ, ବାକି ରହିଥିବା ଘରକୁ ବିଦ୍ୟୁତୀକରଣ, ଶରତ ଡାକ୍ତରଖାନାର ଡାକ୍ତର ନିଯୁକ୍ତି ପ୍ରମୁଖ ଅଭିଯୋଗର ଶୁଣାଣି କରାଯାଇଥିଲା। ସମସ୍ତ ଅଭିଯୋଗ ମଧ୍ୟରେ ୧୧୪ ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଥିବା ବେଳେ ୨୨ଟି ସାମୂହିକ ଏବଂ ୩ଟି ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ, ୮ ରେଡକ୍ରସ୍ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି କରାଯାଇ ମୋଟ ୧୧ ଆବେଦନକାରୀଙ୍କୁ ୪୦ ହଜାର ଟଙ୍କାର ଆର୍ଥିକ ସହାୟତା ଚେକ୍ ଆକାରରେ ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଶିବିରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ

## ଅଧିକାଂଶ ସ୍କୁଲରେ ତାଲା, ମଧ୍ୟାହ୍ନଭୋଜନ ବନ୍ଦ

ତେଲକୋଇ, ୨୨।୭(ଡି.ଏନ.ଏ.)

ଆଦିବାସୀ ବହୁଳ ତେଲକୋଇ ବ୍ଲକରେ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି। ଶିକ୍ଷକ ଅଭାବ ସାଙ୍ଗକୁ ମଧ୍ୟାହ୍ନଭୋଜନ, ଛାତ୍ରୀଛାତ୍ରଙ୍କ ବହିର ଅଭାବ ଯୋଗୁ ଅଧିକାଂଶ ସ୍କୁଲରେ ତାଲା ପଡିଥିବା ଅଭିଯୋଗ ହୋଇଛି। ଏହି ବ୍ଲକ ଅଧୀନରେ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ନୋଡାଲ ସ୍କୁଲ ସଂଖ୍ୟା ୨୦୬ ରହିଛି। ସମୁଦାୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୭ ହଜାରରୁ ଉର୍ଦ୍ଧ୍ୱ। ଏଥିରେ ୭୦ପ୍ରତିଶତ ଜନଜାତି, ଅନୁସୂଚିତ ଜନଜାତି ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ତେବେ ଶିକ୍ଷକ ଅଭାବ ଯୋଗୁ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶଡ଼ି ପଡ଼ିଛି। ଶିକ୍ଷା ବିଭାଗର ସୂଚନା ଅନୁଯାୟୀ ଆବଶ୍ୟକ ଥିବା ୬୬୮ ଜଣ ଶିକ୍ଷକଙ୍କ ମଧ୍ୟରୁ ୪୮୧ ଜଣ ଶିକ୍ଷକ ରହିଛନ୍ତି। ଉକ୍ତ ପ୍ରାଇମେରି ସ୍କୁଲରେ ୬୫ ଜଣ ଆବଶ୍ୟକ ଥିବା ବେଳେ ୬ଜଣ ମାତ୍ର ରହିଛନ୍ତି। ସେହିପରି ଗଣଶିକ୍ଷକ ୨୮ଜଣ ଥିବା ବେଳେ ଏସଏସ ଶିକ୍ଷକ ୧୧୦ ଜଣ ଅଛନ୍ତି। ଅନ୍ୟପକ୍ଷରେ ବ୍ଲକ ଶିକ୍ଷାଧିକାରୀ ଅବସର ନେବା ପରେ ଜିଲା ସଦର ବ୍ଲକ ଶିକ୍ଷାଧିକାରୀଙ୍କୁ ଅସ୍ଥାୟୀ ଭାବେ ଦାୟିତ୍ୱ ଦିଆଯାଇଛି। ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡିଥିବା ଯୋଗୁ ସଲେଇକେନା, ଓରିଆ, ଶିବନାରାୟଣପୁର ଗୋଡା, ତାଳପଦା, ଜଗମୋହନପୁର, ଦେଉଳଡିହା, କରଦାଙ୍ଗୀ ପଞ୍ଚାୟତରେ ଅଧିକାଂଶ ସ୍କୁଲକୁ ଛାତ୍ରୀଛାତ୍ର ଆସୁ ନ ଥିବାରୁ ସ୍କୁଲଗୁଡ଼ିକ ବନ୍ଦ ରହିଛି। ମଧ୍ୟାହ୍ନଭୋଜନ କେବଳ କାଗଜକଲମରେ ଦର୍ଶାଯାଉଥିବା ବେଳେ ଏହି ଅଞ୍ଚଳର ଶିକ୍ଷା ବ୍ୟବସ୍ଥାକୁ ନେଇ ଆଲୋଡନ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଅସ୍ଥାୟୀ ଦାୟିତ୍ୱରେ ଥିବା ସଦର ବ୍ଲକ ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କୁ ପଚାରିବାରୁ ମୋତେ ଦାୟିତ୍ୱ ଦିଆଯାଇଛି । ତେବେ ପରିସ୍ଥିତି ଅନୁଧ୍ୟାନ କରିବା ପରେ ଏହାକୁ ସୁଧାରିବା ଯୋଜନା କରାଯିବ।



ମଧ୍ୟାହ୍ନଭୋଜନ ବନ୍ଦ ହେବାରୁ ଛାତ୍ରୀଛାତ୍ରଙ୍କ ସହ ପାଚିକା।

# ବଜାରରେ ଅଷାଢୁଆ ଫଳ ବିକ୍ରି

କେନ୍ଦୁଝର, ୨୨।୭ (ସ୍ୱ.ପ୍ର.)

କେନ୍ଦୁଝର ସହରରେ ବର୍ଷାର ଆଗମନ ହୋଇଥିବା ବେଳେ ହାଟବଜାରରେ ବଣପାହାଡ଼ର ଫଳ ଓ ପନିପରିବାର ଚାହିଦା ଅଧିକ ଦେଖିବାକୁ ମିଳୁଛି । ତନ୍ମଧ୍ୟରୁ ଅଷାଢୁଆ ଫଳର ଚାହିଦା ରହିଛି । ଆଷାଢ଼ ମାସରେ ଅଷାଢୁଆ ଫଳ ଫଳିଥାଏ। ଏହାକୁ ବନବାସୀମାନେ ସଂଗ୍ରହ କରି ବଜାରରେ ଭାଗ ଦରରେ ବିକିଥାନ୍ତି। ଏହା ସାମାନ୍ୟ କଷା ଲାଗିଥାଏ। ଏଣୁ ଏହାକୁ ସିଝାଇ ଏହାର ପାଣି ବାହାର କରି ତରକାରି, ଭଜା ଆଦି କରି ଖାଇଥାନ୍ତି। ବନବାସୀଙ୍କ ଏହି ଖାଦ୍ୟ ସହରବାସୀ ମାନେ ଖାଇଥାନ୍ତି। ପ୍ରାକୃତିକ ପରିବେଶରେ ଫଳୁଥିବା ଏହି ଫଳ ଅତ୍ୟନ୍ତ ସୁଆଦିଆ ଓ ଏଥିରେ ଔଷଧୀୟ ଗୁଣ ଥିବାରୁ ଏହାକୁ ଅନେକ ଖାଇଥାନ୍ତି ବୋଲି ବୈଦ୍ୟବିଶାରଦ ହରେକୃଷ୍ଣ ମହାନ୍ତ କୁହନ୍ତି। ଏହାକୁ ବିକି ବନବାସୀ ମାନେ ତେଲ ଲୁଣ କିଣି ପରିବାର ଚଳାଇଥାନ୍ତି। ପିଲାଠାରୁ ଆରମ୍ଭ କରି ବୁଢା ସମସ୍ତେ ସକାଳୁ ସକାଳୁ ବଣପାହାଡକୁ ଯାଇ ସଂଗ୍ରହ କରିଥାନ୍ତି।



ଜଣେ ମହିଳା ଅଷାଢୁଆ ଫଳ ବିକୁଛନ୍ତି।

# ଶ୍ରାବଣ ପ୍ରଥମ ସୋମବାରରେ କାଉଡ଼ିଆଙ୍କ ଭିଡ଼

କେନ୍ଦୁଝର, ୨୨।୭ (ସ୍ୱ.ପ୍ର.)

ଶ୍ରାବଣ ମାସର ପ୍ରଥମ ସୋମବାର କେନ୍ଦୁଝର ଜିଲାର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଅନୁକୂଳ ପାଗ ହୋଇଥିବାରୁ କାଉଡିଆମାନେ ବିଭିନ୍ନ ଜଳାଶୟରୁ ଭାରରେ ଜଳ ଧରି ମନ୍ଦିରକୁ ଯାଇ ଭଗବାନ ଶିବଙ୍କୁ ଜଳାଭିଷେକ କରିଥିଲେ । ମହିଳା ଓ ପୁରୁଷ ସମସ୍ତେ ଏହି ବୋଲବମ ଯାତ୍ରାରେ ସାମିଲ ହୋଇଥିଲେ। ଭକ୍ତମାନେ ଚାଲି ଚାଲି ଯାଇ ଶିବଙ୍କୁ ଜଳ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ଜିଲାର ପ୍ରମୁଖ ଶୈବ ପୀଠ ଗୋନାସିକା, ମୁର୍ଗା, କୁଶଳେଶ୍ୱର ମହାଦେବ ଦେଓଗାଁ, ବାଲୁଙ୍କେଶ୍ୱର ମହାଦେବ, ଚନ୍ଦ୍ରଶେଖର ମହାଦେବ ମନ୍ଦିର ବୋଦାପଳସା, ଚକ୍ରତୀର୍ଥ ସମେତ ସମସ୍ତ ଶିବ ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ସୁବିଧା ପାଇଁ ମନ୍ଦିର କମିଟି ତଥା ବିଭିନ୍ନ ଧାର୍ମିକ ସଂଗଠନ ପକ୍ଷରୁ ମନ୍ଦିର, ବିଭିନ୍ନ ସ୍ଥାନରେ ପ୍ରସାଦ ସେବନ, ଆଶ୍ରୟ ଆଦି ବ୍ୟବସ୍ଥା କରାଯାଇଥିଲା। ବୈତରଣୀ ନଦୀର ଉତ୍ପତ୍ତି ସ୍ଥଳ ଗୋନାସିକାଠାରେ ମଧ୍ୟ ପ୍ରବଳ ଭକ୍ତଙ୍କ ସମାଗମ ହୋଇଥିଲା। କାଉଡିଆମାନେ ଗୁପ୍ତଗଙ୍ଗା ଗ୍ରାମ ନିକଟରୁ ବୈତରଣୀ ନଦୀର ଉତ୍ପତ୍ତି ସ୍ଥଳରୁ ପାଣି ନେଇ ଚନ୍ଦ୍ରଶେଖର ମହାଦେବ ମନ୍ଦିରରେ ଜଳାଭିଷେକ କରିଥିଲେ। ଜିଲା ଓ ଜିଲା ବାହାରୁ ବହୁ ସଂଖ୍ୟାରେ ଭକ୍ତ ଆସିଥିଲେ। ସେହିପରି ମୁର୍ଗା ମହାଦେବଙ୍କୁ ଜଳାଭିଷେକ କରିବା ପାଇଁ ଝାଡ଼ଖଣ୍ଡ ରାଜ୍ୟରୁ ଭକ୍ତଙ୍କ ସମାଗମ ହୋଇଥିଲା।

# ସହାୟତା ଅପେକ୍ଷାରେ ଦିବ୍ୟାଙ୍ଗ ଚକ୍ରଧର

ହାଟଡିହୀ,୨୨।୭(ଡି.ଏନ୍.ଏ.)

ବାର ଦୁଆର ବୁଲି ମାଗି କରି ପେଟ ପୋଷିଛନ୍ତି। ପରିବାରର ରୋଜଗାର କ୍ଷମ ବ୍ୟକ୍ତି ମଧ୍ୟ କେହି ନାହାନ୍ତି। ଘରଡିହ ଖଣ୍ଡକ ବ୍ୟତୀତ ଆଉ କିଛି ସମ୍ବଳ ନାହିଁ। ମୂଲ ମଜୁରୀ ଲାଗିବା ପାଇଁ ବଳ ବି ନାହିଁ। ଦାରିଦ୍ର୍ୟର ସୀମାରେଖା ତଳେ ଅନାହାରରେ ଛଟପଟ ହୋଇ ଜୀବନ ବିତାଉଛନ୍ତି ଭିନ୍ନକ୍ଷମ ଚକ୍ରଧର ଓ ତାଙ୍କ ବୃଦ୍ଧା ମା।

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୋସୋ ପଞ୍ଚାୟତ ନିଉଦାନି ଗ୍ରାମରେ ଦେଖିବାକୁ ମିଳିଛି। ଚକ୍ରଧର ବେହେରା(୩୩) ଜଣେ ଭିନ୍ନକ୍ଷମ ଅଟନ୍ତି। ଦୀର୍ଘ ବର୍ଷ ହେବ ତାଙ୍କ ବାପା ଈଶ୍ୱର ବେହେରାଙ୍କ ମୃତ୍ୟୁ ପରେ ମା’ ଚମ୍ପାବତୀଙ୍କ ସହ ଚକ୍ରଧର ଦୁର୍ବିଷହ ଜୀବନ ବିତାଉଛନ୍ତି। ମା’ ବୃଦ୍ଧା ଥିବାବେଳେ ଚକ୍ରଧର ଅକର୍ମଣ୍ୟ। ତାଙ୍କର ଗୋଟେ ଗୋଡ ସରୁ ହୋଇଥିବାବେଳେ ଆଉ ଗୋଟେ ଗୋଡ ଛୋଟ ଅଟେ। ତାଙ୍କୁ ଭିନ୍ନକ୍ଷମ ପ୍ରମାଣ ପତ୍ର ମିଳିଥିଲେ ବି ଭତ୍ତା ମିଳୁନି। ସରକାରୀ ଆବାସ ଗୃହ ଖଣ୍ଡେ ମିଳୁନି। ମା’ ପୁଅ ଖାଇବା, ରହିବା ପାଇଁ ବହୁ ହଇରାଣ ହେଉଛନ୍ତି। ହେଲେ କହିବେ କାହାକୁ ଏବଂ ଶୁଣିବ ବା କିଏ। ଏନେଇ ପୂର୍ବତନ ସରପଞ୍ଚ ବୈଲୋଚନ ନାୟକଙ୍କୁ ପଚାରିବାରୁ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ପ୍ରଶାସନ ସ୍ତରରେ ଦାବି କରିଛନ୍ତି।

# ଦୋକାନରେ ପଶି ମହିଳାଙ୍କୁ ମାଡ଼, ବଳାତ୍କାର ଉଦ୍ୟମ

ଯୋଡ଼ା, ୨୨।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ପୁରୁଷୋତ୍ତମପୁର ଅଞ୍ଚଳର ଏକ ଦୋକାନରେ ପଶି ୪ ଜଣ ଯୁବକ ଜଣେ ମହିଳାଙ୍କୁ ମାଡମାରି ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ମହିଳା ଗଣମାଧ୍ୟମ ଆଗରେ ଅଭିଯୋଗ କରି କହିଛନ୍ତି ଯେ, ପୁରୁଷୋତ୍ତମପୁର ଅଞ୍ଚଳରେ ତାଙ୍କ ଭାଇଙ୍କର ଏକ ଷ୍ଟେଶନାରୀ ଦୋକାନ ରହିଛି। ରବିବାର ଅପରାହ୍ନରେ ତାଙ୍କ ଭାଇ ଚମ୍ପୁଆ ଯାଇଥିବାରୁ ସେ ଦୋକାନରେ ବସିଥିଲେ। ଏହି ସମୟରେ ଚାରି ଜଣ ଯୁବକ ଆସି ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କ ଭାଇଙ୍କ ସମ୍ପର୍କରେ ପଚାରିଥିଲେ ଏବଂ ଅତର୍କିତ ଭାବେ ଦୋକାନରେ ଥିବା ସାମଗ୍ରୀକୁ ଫିଙ୍ଗାଫିଙ୍ଗି ଆରମ୍ଭ କରିଥିଲେ। ଏଥିରେ ସେ ବିରୋଧ କରିବାରୁ ତାଙ୍କୁ ଦୋକାନରୁ ଟାଣି ଆଣି ରାସ୍ତା ଉପରେ ପକାଇ ଦେଇ ନିସ୍ତୁକ ମାଡ ମାରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ ବୋଲି ମହିଳା ଜଣକ ଗଣମାଧ୍ୟମ ଆଗରେ କହିଛନ୍ତି। ତେବେ ମହିଳାଙ୍କ ପରିବାର ପକ୍ଷରୁ ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଇବା ପରେ ପ୍ରଥମେ ଚମ୍ପୁଆ ଥାନାରେ ଅଭିଯୋଗ କରାଯାଇଥିଲା। ଚମ୍ପୁଆ ଥାନା ପକ୍ଷରୁ ଏହି ଅଭିଯୋଗକୁ ଯୋଡା ଥାନାକୁ ହସ୍ତାନ୍ତର କରାଯାଇଛି। ଏନେଇ ଯୋଡା ଥାନା ଆଇଆଇସି ବିଜୟକୃଷ୍ଣ ମହାପାତ୍ରଙ୍କୁ ପଚାରିବାରୁ ପୋଲିସ ପକ୍ଷରୁ ଏହାର ତଦନ୍ତ ଆରମ୍ଭ କରାଯାଇଛି। ଖୁବ୍ ଶୀଘ୍ର ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ ।

## ହାତୀ ଉପଦ୍ରବ ଜାରି

# ଘର ଭାଙ୍ଗି ଚାଉଳ ଖାଇଲେ



ଘୋଡା ବେଡା ସାହିରେ ହାତୀ ଭାଙ୍ଗିଥିବା ଘର ।

ତେଲକୋଇ, ୨୨।୭(ଡି.ଏନ.ଏ.)

ତେଲକୋଇ ଅଞ୍ଚଳରେ ବଣୁଆ ହାତୀ ପଲଙ୍କ ଦୌରାତ୍ମ୍ୟ ଆରମ୍ଭ ହୋଇଛି। ୧୫ରୁ ଉର୍ଦ୍ଧ୍ୱ ହାତୀ ଏହି ଅଞ୍ଚଳରେ ରହିବା ସହିତ ଆକୁଳ, ପଡାଙ୍ଗ, କରଦାଙ୍ଗୀ, ଜଗମୋହନପୁର, ତାଳପଦା ପଞ୍ଚାୟତରେ ଘର ଭାଙ୍ଗି ଧାନ, ଚାଉଳ ଖାଇବା ଆରମ୍ଭ କରିଛନ୍ତି। କରଦାଙ୍ଗୀ ପଞ୍ଚାୟତର ଘୋଡାବେଡା ସାହିର ଲକ୍ଷ୍ମୀ ନାଏକ ଓ ପ୍ରଫୁଲ୍ଲ ମହାନ୍ତଙ୍କ ଘରେ ରବିବାର ରାତିରେ ଘର ଭାଙ୍ଗି ଧାନଚାଉଳ ଖାଇଥିବା ଅଭିଯୋଗ କରିଛନ୍ତି। ହାତୀ ପଲଙ୍କୁ ଦେଖି ପରିବାର ଲୋକେ ଘର ଛାଡି ପଳାଇବା ଯୋଗୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେହିପରି ଆକୁଳ ଅଂଚଳରେ ହାତୀ ପଲ ରହିବା ସହିତ ଚାଷ ଜମିକୁ ବ୍ୟାପକ କ୍ଷତି କରିଛନ୍ତି । ଏହି ଅଞ୍ଚଳରେ ସନ୍ଧ୍ୟା ହେଲେ ଯାତାୟତ କରିପାରୁନାହାନ୍ତି। ଏସମ୍ପର୍କରେ ବନାଞ୍ଚଳ ଅଧିକାରୀ ପିତାମ୍ବର ନାଏକଙ୍କୁ ପଚାରିବାରୁ ୧୧ଟି ହାତୀ ଉକ୍ତ ଦଳରେ ଅଛନ୍ତି । ଆଉ ଏକ ଜଗମୋହନପୁର ଅଞ୍ଚଳରେ ରହିଛି। ଘୋଡା ବେଡା ସାହିର ୨ଘର ଭାଙ୍ଗିଥିବା ନେଇ ଉକ୍ତ ସ୍ଥାନକୁ ଯାଇ ତଦନ୍ତ କରିଛୁ । ଧାନକ୍ଷେତ ,ଗୃହ ଭାଙ୍ଗିବାର ସରକାରୀ ସହାୟତା ଦିଆଯିବ। ଉକ୍ତ ହାତୀ ପଲର ଗତିବିଧି ପାଇଁ ବନବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟିମ କରାଯାଇ ତାଙ୍କ ଗତିପଥ କୁ ତଦାରଖ କରିବା ଯୋଜନା କରାଯାଇଛି।

# ୧୧୮ ଅଭିଯୋଗର ହେଲା ଶୁଣାଣି



ଜନଶୁଣାଣି ଶିବିରରେ ଯୋଗ ଦେଇଥିବା ପଦାଧିକାରୀମାନେ।

ଚମ୍ପୁଆ, ୨୨।୭(ଡି.ଏନ.ଏ.)

ଚମ୍ପୁଆ ବ୍ଲକ କାର୍ଯ୍ୟାଳୟଠାରେ କେନ୍ଦୁଝର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍ରେ, ଆରକ୍ଷୀ ଅଧୀକ୍ଷକ ଜୟନାରାୟଣ ପଙ୍କଜ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଚୌଧୁରୀ ସ୍ୱରୂପ ମିଶ୍ର, ଉପଜିଲାପାଳ ପାରୁଲ ପଟୱାରି, ତହସିଲଦାର ଆଲୋକ କୁମାର ପଟେଲ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୂପୁର ଚାନ୍ଦଗୋଟିଆ, ବ୍ଲକ ଚେୟାରମ୍ୟାନ ରମଣି ନାଏକ ପ୍ରମୁଖଙ୍କ ସହିତ ବିଭିନ୍ନ ବିଭାଗର ଅଧରକାରୀମାନେ ଯୋଗ ଦେଇଥିଲେ। ମୋଟ ୧୧୮ ଅଭିଯୋଗର ଶୁଣାଣି କରାଯାଇଥିବା ବେଳେ ଚମ୍ପୁଆ ବ୍ଲକର ୨୨ ଗ୍ରାମପଞ୍ଚାୟତ ଓ ଗୋଟିଏ ଏନଏସିର ଅଭିଯୋଗ ମାନ ହୋଇଥିଲା। ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଦ୍ୟ ସୁରକ୍ଷା କାର୍ଡ, ଭିନ୍ନକ୍ଷମ ଭତ୍ତା, ମୌଳିକ ସମସ୍ୟା, ଚାଷ କ୍ଷୟକ୍ଷତି ଓ ଉନ୍ନୟନ କାର୍ଯ୍ୟ ଆଦି ଅଭିଯୋଗ କରାଯାଇଥିଲା।

# ବେକାର ଯୁବକଙ୍କ ପାଇଁ ତାଲିମ ଶିବିର

କେନ୍ଦୁଝର, ୨୨।୭ (ସ୍ୱ.ପ୍ର.)

ରାଜ୍ୟ ନିଯୁକ୍ତି ମିଶନ ଓଡିଶା ଏବଂ କେନ୍ଦୁଝର ଜିଲା ପ୍ରଶାସନର ମିଳିତ ସହଯୋଗରେ କେନ୍ଦୁଝର ଜିଲାର ଖଣି ପ୍ରଭାବିତ ଅଞ୍ଚଳର ଶିକ୍ଷିତ ବେକାର ଯୁବକମାନଙ୍କ ସୈନ୍ୟବାହିନୀରେ ନିଯୁକ୍ତି ନିମନ୍ତେ ଏକ ପ୍ରାକ ତାଲିମ ଶିବିର ଆୟୋଜନ କରିବା ପାଇଁ ସ୍ଥିରୀକୃତ ହୋଇଅଛି। କେନ୍ଦୁଝର ଜିଲାର ବାଂଶପାଳ ବ୍ଲକ୍ର କଲଣ୍ଡା, କୁମୁଣ୍ଡି, ସିଂହପୁର, ଶୁଆକାଟୀ, ତଳ ଚମ୍ପେଇ ଓ ତଳ କଇଁସିରୀ, ହରିଚନ୍ଦନପୁର ବ୍ଲକ୍ର ବରେଇଗୋଡା, ଦୈତାରୀ, ରାସୋଲ ଓ ଟାଙ୍ଗିରିଆପାଳ, ହାଟଡିହି ବ୍ଲକ୍ର ବାଲିବରେଇ, ବାଙ୍ଗୋର, ଧନୁର୍ଜୟପୁର, ହଦଗଡ, ପଡିଆରୀପଲ୍ଲୀ, ସୋସୋ, ଡେଙ୍କା, କେ. ବାଲିପାଳ ଓ ସଢ଼ା, ଝୁମ୍ପୁରା ବ୍ଲକ୍ର ବସନ୍ତପୁର, କୁଟୁଙ୍ଗାଁ, ମଲଦା, ନୟାଗଡ, ନିଶ୍ଚିନ୍ତପୁର, ଯୋଡା ବ୍ଲକ୍ର ଅଁସେଇକଳା, ବଡ କାଳିମାଟି, ବଲଦା ଆଦି ପଞ୍ଚାୟତର ଆଗ୍ରହୀ ଶିକ୍ଷିତ ବେକାର ଯୁବକମାନେ ଏଥି ନିମନ୍ତେ ଯୋଗ୍ୟ ବିବେଚିତ ହେବେ। ଇଚ୍ଛୁକ ଯୁବକଙ୍କ ବୟସ ୧୭ରୁ ୨୩ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଯୋଗ୍ୟ ପ୍ରାର୍ଥୀମାନେ ଜିଲା ନିୟୋଜନ ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି।

# ଦୁର୍ଘଟଣାରେ ୪ କାଉଡିଆ ଗୁରୁତର

ଭଣ୍ଡାରିପୋଖରୀ, ୨୨।୭ (ସ୍ୱ.ପ୍ର.)

୧୬ ନମ୍ବର ଜାତୀୟ ରାଜପଥର ନଳାଙ୍ଗ ନିକଟରେ ଦୁର୍ଘଟଣା ଘଟି ୪ କାଉଡିଆ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ଭଦ୍ରକ ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ବାସୁଦେବପୁର ବାରାପୁର ଗାଁର ୧୧ଜଣ କାଉଡ଼ିଆ ପିକ୍ଅପ୍ ଗାଡ଼ି ଯୋଗେ ପୁରୀ ଲୋକନାଥ ପୀଠକୁ ପାଣିଭାର ନେଇ ଯାଇଥିଲେ। ସୋମବାର ସନ୍ଧ୍ୟାରେ ସେମାନେ ଘରକୁ ଫେରୁଥିବା ବେଳେ ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।

## ଜାଲ୍ ଚେକ୍‌ରେ ଟାର୍ଗେଟ ପୂରଣ ଘଟଣା

# ଲକ୍ଷାଧିକ ଟଙ୍କା କମିଶନ ପାଉଛନ୍ତି କର୍ମଚାରୀ

ବାରିପଦା ଅଫିସ,୨୨।୭

**ବାରିପଦା ବିଦ୍ୟୁତ୍ ଡିଭିଜନ**

**ଡିଭିଜନ କାର୍ଯ୍ୟାଳୟରୁ କର୍ପୋରେଟ ଅଫିସକୁ ପଠାଗଲା ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର**

ବିଦ୍ୟୁତ୍ ବିଲ୍ ଆଦାୟ ଟାର୍ଗେଟ ପୂରଣ ଲାଗି ବାରିପଦା ବିଦ୍ୟୁତ୍ ଡିଭିଜନର ଜଣେ ଉଚ୍ଚପଦସ୍ଥ ଅଧିକାରୀ ବିଭାଗକୁ ଜାଲ୍ ଚେକ୍ ଦେବା ଘଟଣା ପଦାକୁ ଆସିଛି। ଏହି କଳାକାରନାମା ଧରା ପଡିବା ପରେ ତଦନ୍ତ ଚାଲିଛି। ତେବେ ସଂପୃକ୍ତ ଅଧିକାରୀ ଉପରିସ୍ଥ ଅଧିକାରୀଙ୍କୁ ହାତବାରିସି କରିଥିବାରୁ ତଦନ୍ତ ବାଟବଣା ହେଉଥିବା ଅଭିଯୋଗ ହେଉଛି। ଏନେଇ ‘ଧରିତ୍ରୀ’ରେ ଗତ ୧୮ ତାରିଖରେ ଏକ ଅନୁସନ୍ଧାନମୂଳକ ରିପୋର୍ଟ ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ଅଧିକ ତଦନ୍ତ ପାଇଁ ସୋମବାର ବାରିପଦା ଡିଭିଜନ କାର୍ଯ୍ୟାଳୟରୁ ବାଲେଶ୍ୱର ସ୍ଥିତ କର୍ପୋରେଟ କାର୍ଯ୍ୟାଳୟକୁ ଚେକ ବୁକ ରେଜିଷ୍ଟର ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପଠାଯାଇଥିବା ବାରିପଦା ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ଦଣ୍ଡପାଟ ସୂଚନା ଦେଇଛନ୍ତି।

ଏହି ଠକେଇରେ କେବଳ ଉକ୍ତ ଅଧିକାରୀ ସମ୍ପୃକ୍ତ ନୁହନ୍ତି ଜଣେ କନିଷ୍ଠ ଯନ୍ତ୍ରୀ ଓ ବିଦ୍ୟୁତ ଦେୟ ଆଦାୟ କରୁଥିବା କେତେକ କର୍ମଚାରୀ ସାମିଲ ଥିବା ଜଣାପଡ଼ିଛି। ଏହି ଯନ୍ତ୍ରୀ ଓ କର୍ମଚାରୀମାନଙ୍କ ଦ୍ୱାରା ଅଧିକାରୀ ଜଣକ ବିଦ୍ୟୁତ୍ ଦେୟ ବାବଦକୁ ଜାଲ୍ ଚେକ ଆଣି ବିଭାଗକୁ ଦେଉଥିଲେ। ଟାର୍ଗେଟ ପୂରଣ ହେବା ପରେ ଆଦାୟ କରାଯାଇଥିବା ଟଙ୍କାକୁ ହିସାବ କରି ବିଭାଗ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା କମିଶନ ମଧ୍ୟ ସେମାନଙ୍କୁ ଦେଉଥିଲେ। କର୍ମଚାରୀମାନଙ୍କୁ ସେମାନଙ୍କ କମିଶନ ବାବଦକୁ ଲକ୍ଷାଧିକ ଟଙ୍କା ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ଚେକ୍ ଜାଲ୍ ହୋଇଥିବା ବେଳେ ବିଭାଗର ବିତ୍ତ ବ୍ୟବସ୍ଥାରେ ବକେୟା ଟଙ୍କା ଗଡୁଛି। ମାତ୍ର କର୍ମଚାରୀମାନେ ସେମାନଙ୍କର କମିଶନ ଟଙ୍କା ପାଇସାରିଛନ୍ତି। ଏ ଦିଗରେ ମଧ୍ୟ ବିଭାଗୀୟ ଅଧିକାରୀ ତଦନ୍ତ କରିବା ଆବଶ୍ୟକତା ରହିଛି।

ସୂଚନା ମୁତାବକ ନେସ୍କୋ ଦ୍ୱାରା ପ୍ରତି ମାସ ତଥା ବାର୍ଷିକ ବିଦ୍ୟୁତ ବିଲ୍ ଆଦାୟ ଲାଗି ଟାର୍ଗେଟ ଦିଆଯାଇଥାଏ। ଟାର୍ଗେଟ ପୂରଣ କଲେ ବିଭାଗୀୟ ଅଧିକାରୀଙ୍କୁ ବିଭାଗ ଦ୍ୱାରା ସମ୍ମାନିତ କରାଯାଇଥାଏ। ଏହି ଅନୁସାରେ ବାରିପଦା ବିଦ୍ୟୁତ ଡିଭିଜନର ଅଧିକାରୀ ଜଣକ ପ୍ରତି ଥର ବିଦ୍ୟୁତ ବିଲ୍ ଆଦାୟ ଟାର୍ଗେଟ ପୂରଣ କରିଥିଲେ। କାଗଜପତ୍ରରେ ଟାର୍ଗେଟ ପୂରଣ କରାଯାଉଥିବା ବେଳେ ବିଭାଗର ବିତ୍ତ ବ୍ୟବସ୍ଥାରେ ଅଧିକ ବକେୟା ପଡି ରହୁଥିଲା। ଏହାକୁ ନେଇ ବିଭାଗର ସନ୍ଦେହ ହେବାରୁ ତଦନ୍ତ ଆରମ୍ଭ ହୋଇଥିଲା। ଜାଲ୍ ଚେକ୍ ଦେଇ ଟାର୍ଗେଟ ପୂରଣ କରାଯାଇଥିବା ପଦାକୁ ଆସିଥିଲା। ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଜାଲ୍ ଚେକ୍ ବିଭାଗକୁ ଦିଆଯାଇଥିବା ଜଣାପଡିଛି। ସମ୍ପ୍ରତି ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଇ ଅଡିଟ କରାଯିବା ସକାଶେ ପଦକ୍ଷେପ ମଧ୍ୟ ନିଆଯାଇଛି। ସମସ୍ତ ପେମେଣ୍ଟର ଅଡିଟ କରିବାକୁ ନେସ୍କୋର ସିନିୟର ଜିଏମ(ଏଫ) ଗତ ୧୨ ତାରିଖରେ ପତ୍ର ସଂଖ୍ୟା–୯୩୩୭(୬)ରେ ଏଜିଏମ (ଏଫ) ସଞ୍ଜୟ କୁମାର ଦେଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗତ ମଙ୍ଗଳବାର ନେସ୍କୋ ୟୁଟିଲିଟିର ୨୦ ଜଣ ବିଦ୍ୟୁତ ବିଭାଗ ଅଧିକାରୀଙ୍କ ବଦଳି ହୋଇଥିବା ବେଳେ ଏହି ଅଧିକାରୀଙ୍କୁ ମଧ୍ୟ ଅନ୍ୟତ୍ର ବଦଳି କରାଯାଇଛି। ମାତ୍ର ବଦଳିରେ କାର୍ଯ୍ୟାନୁଷ୍ଠାନ ସୀମିତ ରଖି ବିଭାଗ ଚୁପ ବସିଛି। ଏକ ନିରପେକ୍ଷ ସଂସ୍ଥା ଦ୍ୱାରା ତଦନ୍ତ ହେଲେ ଅଧିକ ତଥ୍ୟ ବିଭାଗକୁ ମିଳିବ। ତେବେ ବିଭାଗୀୟ ଅଧିକାରୀମାନେ ଅଦୃଶ୍ୟ ଚାପରେ ତଦନ୍ତକୁ ଆଗକୁ ବଢ଼ାଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ନେସ୍କୋର ଅଥରାଇଜ ଅଫିସର ଶଙ୍କର କ୍ରିଷ୍ଣନଙ୍କୁ ପଚାରିବାରୁ ତଦନ୍ତ ଚାଲିଛି ଓ ତାଙ୍କ ନିକଟକୁ ରିପୋର୍ଟ ଆସିନାହିଁ ବୋଲି କହିଛନ୍ତି।